Bhubaneswar- 11 June 2026
ଭୁବନେଶ୍ୱର- ୧୧ ଜୁନ୍ ୨୦୨୬
Vol- 1 Issue - 45
ଭାଗ- ୧ ସଂଖ୍ୟା- ୪୫
www.pratishabda.com
Email : pratishabda7@gmail.com
Also Available In : YouTube

# ପ୍ରତିଶବ୍ଦ
THE PRATISHABDA

୩୦ ଜିଲ୍ଲା ୩୧୪ ବ୍ଲକ ପାଇଁ
ସାମ୍ବାଦିକ ଆବଶ୍ୟକ
ଓଡ଼ିଶାର ଏକମାତ୍ର ଡିଜିଟାଲ ନ୍ୟୁଜ୍ ଚ୍ୟାନେଲ
<ଯୋଗାଯୋଗ>
ପରିଚାଳକ
ପ୍ରତିଶବ୍ଦ, ଭୁବନେଶ୍ୱର
ମୋ - ୯୬୯୭୭୦୧୦୦୭

### ଏନ୍‌ଡିଏର ୧୨ ବର୍ଷ ପୂର୍ତ୍ତି ଅବସରରେ ମୋଦୀଙ୍କ ସମ୍ବୋଧନ

# ମୋ ପାଇଁ, ଲୋକମାନେ ଈଶ୍ୱରଙ୍କ ପ୍ରତିମୂର୍ତ୍ତି

- ଜାତୀୟ ଗଣତାନ୍ତ୍ରିକ ମେଣ୍ଟର ବସିଲା ପ୍ରମୁଖ ବୈଠକ
- ଏନଡ଼ିଏ ଶାସିତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀ ଏବଂ ଉପମୁଖ୍ୟମନ୍ତ୍ରୀ ସାମିଲ



**ନୂଆଦିଲ୍ଲୀ:** କେନ୍ଦ୍ରରେ ମୋଦି ସରକାରଙ୍କ ୧୨ ବର୍ଷ ପୂରଣ ଉପଲକ୍ଷେ ନୂଆଦିଲ୍ଲୀର ଭାରତ ମଣ୍ଡପମରେ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ ର ଏକ ପ୍ରମୁଖ ବୈଠକ ଅନୁଷ୍ଠିତ ହୋଇଥିଲା। ଏନଡ଼ିଏ ଶାସିତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀ ଏବଂ ଉପମୁଖ୍ୟମନ୍ତ୍ରୀମାନେ ମଧ୍ୟ ଏହି ବୈଠକରେ ଯୋଗ ଦେଇଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦି କହିଥିଲେ, "ମୁଁ କେବେ କଳ୍ପନା କରି ନଥିଲି ଯେ ମୁଁ ଜୀବନରେ ଏହି ମାଇଲଖୁଣ୍ଟରେ ପହଞ୍ଚିବି। ଏହି ରାଜନୈତିକ ଯାତ୍ରାରେ ଅନେକ ଉତ୍ଥାନ-ପତନ ଆସିଛି। ଏତେ ଦିନ ଧରି 'ଭାରତ ମାତା'ର ସେବା କରିବାର ସୌଭାଗ୍ୟ କେବଳ ଈଶ୍ୱରଙ୍କ ବିଶେଷ କୃପା ଦ୍ୱାରା ସମ୍ଭବ। ମୋ ପାଇଁ, ଲୋକମାନେ ଈଶ୍ୱରଙ୍କ ପ୍ରତିମୂର୍ତ୍ତି। ଏହି ପ୍ରେମ ଏବଂ କୃତଜ୍ଞତା ପାଇଁ ଆପଣଙ୍କୁ ଧନ୍ୟବାଦ।" ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ ଯେ କଂଗ୍ରେସ ଦ୍ୱାରା ବିଶ୍ୱାସଘାତକତା ପରେ ଲୋକମାନେ ଏନଡିଏ ଉପରେ ସେମାନଙ୍କର ବିଶ୍ୱାସ ରଖିଥିଲେ। ସେ ମନ୍ତବ୍ୟ ଦେଇଥିଲେ, "୨୦୧୪ ପୂର୍ବ ଦଶନ୍ଧିଗୁଡ଼ିକ ଅତ୍ୟନ୍ତ ଅସ୍ଥିରତା ଏବଂ ଅଶାନ୍ତି ଦ୍ୱାରା ଚିହ୍ନିତ ହୋଇଥିଲା। ଏଥିପାଇଁ ଦେଶ ବହୁତ କଷ୍ଟ ଭୋଗିଥିଲା; ତଥାପି, ଲୋକମାନେ ଏବେ ଏକ ସ୍ଥିର ସରକାରଙ୍କ କାର୍ଯ୍ୟଦକ୍ଷତା ଦେଖିଛନ୍ତି ଏବଂ ଏହାର ନିର୍ଣ୍ଣାୟକ କ୍ଷମତାକୁ ପ୍ରଶଂସା କରୁଛନ୍ତି। ଆଜି, ମୁଁ ଏହି ଦେଶର ମହାନ ଲୋକଙ୍କୁ ପ୍ରଣାମ କରୁଛି ଏବଂ ସେମାନଙ୍କ ପ୍ରତି ମୋର କୃତଜ୍ଞତା ପ୍ରକାଶ କରୁଛି।" ଏନଡିଏ ନେତାମାନଙ୍କର ଏକ ବୈଠକରେ ଉଦବୋଧନ ଦେଇ ପ୍ରଧାନମନ୍ତ୍ରୀ ମୋଦି କହିଥିଲେ, "ଯେତେବେଳେ ୨୦୧୪ରେ ଏନଡିଏ ବିଜୟୀ ହୋଇଥିଲା, ମୁଁ ମନ୍ତବ୍ୟ ଦେଇଥିଲି ଯେ ଦେଶର ସାଧାରଣ ନାଗରିକଙ୍କ ପାଇଁ ଏକ ନୂତନ ଆଶା ଉଦୟ ହୋଇଛି। ଏହି ଆଶାକୁ ରକ୍ଷା କରିବା ଆମ ସମସ୍ତଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଥିଲା। କଂଗ୍ରେସ ଦ୍ୱାରା ବିଶ୍ୱାସଘାତକତା ପରେ ଦେଶର ଲୋକମାନେ ଆମ ଉପରେ ସେମାନଙ୍କର ବିଶ୍ୱାସ ରଖିଥିଲେ । ଆଜି, ମୁଁ ସନ୍ତୋଷ ଏବଂ ଗର୍ବର ଭାବନା ଅନୁଭବ କରୁଛି ଯେ, ଏନଡିଏ ପରିବାର ଭାବରେ, ଆମେ ନିରନ୍ତର ଭାବରେ ଆମ ଉପରେ ଦେଶର ବିଶ୍ୱାସକୁ ଦୃଢ଼ କରିଛୁ।" ଏନଡିଏର ୧୨ ବର୍ଷର ଏକ ବଡ଼ ସଫଳତା ହେଉଛି ଯେ ଦେଶ କଂଗ୍ରେସର ଦୁଷ୍ଟଚକ୍ରରୁ ମୁକ୍ତ ହୋଇଛି । କଂଗ୍ରେସ ଦେଶକୁ ଅସହାୟତା, ଅଭାବ ଏବଂ ହୀନମନ୍ୟତାର ଅତଳ ଗର୍ତ୍ତରେ ଫୋପାଡ଼ି ଦେଇଥିଲା। ଦେଶକୁ ବିଶ୍ୱାସ କରିବାକୁ ବାଧ କରାଯାଇଥିଲା ଯେ ଭାରତରେ ବିକାଶ କେବଳ କଇଁଛ ଗତିରେ ଘଟେ ଏବଂ ଦ୍ରୁତ ଅଭିବୃଦ୍ଧି ଅସମ୍ଭବ। ସେମାନେ ବହୁତ ଚତୁରତାର ସହିତ ଏହି ମନ୍ଥର ଅଭିବୃଦ୍ଧିକୁ 'ହିନ୍ଦୁ ଅଭିବୃଦ୍ଧି ହାର' ବୋଲି ନାମିତ କରିଥିଲେ – ଅର୍ଥାତ୍ କାର୍ଯ୍ୟଶୈଳୀ କଂଗ୍ରେସର ଥିଲା, ଦାୟିତ୍ୱ କଂଗ୍ରେସର ଥିଲା, ଏବଂ ବିଫଳତା କଂଗ୍ରେସର ଥିଲା, ତଥାପି ଦେଶର ବିଶାଳ ହିନ୍ଦୁ ଜନସଂଖ୍ୟା ଉପରେ କଳଙ୍କ ଲଗାଯାଇଥିଲା । କଂଗ୍ରେସ ଅଧୀନରେ ସୁଶାସନ କିମ୍ବା ଉପଯୁକ୍ତ ନୀତି, ଉଦ୍ଦେଶ୍ୟ କିମ୍ବା ନିଷ୍ପତ୍ତି ଗ୍ରହଣ ନଥିଲା। ଅଟଳ ଜୀଙ୍କ ନେତୃତ୍ୱରେ ଏନଡିଏ ସରକାର କ୍ଷମତାକୁ ଆସିବା ପରେ ହିଁ ଆମେ ବିକାଶ କିପରି ଗତି ପାଏ ତାହାର ଏକ ଝଲକ ପାଇଲୁ; କିନ୍ତୁ ଦୁର୍ଭାଗ୍ୟବଶତଃ, ୨୦୦୪ ମସିହାରେ, ଦେଶ ପୁଣି ଥରେ ଅସ୍ଥିରତା ଏବଂ କଂଗ୍ରେସର କବଳରେ ଫସିଗଲା। ବିକାଶକୁ ପ୍ରୋତ୍ସାହିତ କରିବାଠାରୁ ଦୂରରେ, କଂଗ୍ରେସ ଦେଶକୁ ହଜାର ହଜାର କୋଟି ଟଙ୍କାର ଘୂର୍ଣ୍ଣିଝଡ଼ ମଧ୍ୟକୁ ଟାଣି ନେଇଥିଲା। ୨୦୧୪ ମସିହାରେ ଏନଡିଏ ସରକାର ଗଠନ ହେବା ପରେ ଦେଶର ଭାଗ୍ୟ ପୁଣି ଥରେ ବଦଳିଗଲା। ଯେତେବେଳେ ଉଦ୍ଦେଶ୍ୟ, ନୀତି ଏବଂ ନିଷ୍ପତ୍ତି ଗ୍ରହଣ ସମସ୍ତ ଏକତ୍ରିତ ଭାବରେ କାମ କରେ ସେତେବେଳେ ଦେଶ ବିକାଶର ଗତି ଦେଖିଲା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

### ଦେବସ୍ନାନ ପୂର୍ଣ୍ଣିମା ପାଇଁ ପୋଲିସର ବ୍ୟାପକ ପ୍ରସ୍ତୁତି

# ୭୨ ପ୍ଲାଟୁନ୍ ଫୋର୍ସ ସହ ଡିଜିପିଙ୍କ ଉଚ୍ଚସ୍ତରୀୟ ସମୀକ୍ଷା

**ଶ୍ରଦ୍ଧାଳୁଙ୍କ ସହଜ ଦର୍ଶନ ପାଇଁ ସ୍ୱତନ୍ତ୍ର ଓ ସୁଦୃଢ଼ ବାରିକେଡ୍**
**ଶ୍ରୀମନ୍ଦିର ଭିତରେ ଓ ବାହାରେ ଅତ୍ୟାଧୁନିକ ସିସିଟିଭି କ୍ୟାମେରା**
**'ଆଣ୍ଟି ସ୍ନାଚିଂ ସ୍କ୍ୱାଡ୍' 'ଷ୍ଟ୍ରାଇକିଂ ଫୋର୍ସ' ଓ 'କ୍ରାକ୍ ଟିମ୍' ରହିବେ ପ୍ରସ୍ତୁତ**

**କଟକ :** ଆସନ୍ତା ଜୁନ୍ ୨୯ ତାରିଖରେ ମହାପ୍ରଭୁଙ୍କ ପବିତ୍ର ଦେବାସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହେବାକୁ ଯାଉଛି । ଏହି ପରିପ୍ରେକ୍ଷୀରେ ଦେବସ୍ନାନ ପୂର୍ଣ୍ଣିମା ଉତ୍ସବକୁ ସୁରକ୍ଷିତ, ଶୃଙ୍ଖଳିତ ପରିବେଶ ମଧ୍ୟରେ ସମ୍ପନ୍ନ କରିବା ପାଇଁ ଓଡ଼ିଶା ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ଅବସରରେ ରାଜ୍ୟ ପୋଲିସ ମୁଖ୍ୟାଳୟଠାରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ପବିତ୍ର ସ୍ନାନପୂର୍ଣ୍ଣିମା ଅବସରରେ ପୁରୀରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ନିୟନ୍ତ୍ରଣ, ଯାତାୟାତ ଏବଂ ସୁରକ୍ଷା ବ୍ୟବସ୍ଥା ସଂକ୍ରାନ୍ତରେ ଡିଜିପି ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଶ୍ରୀମନ୍ଦିରର ରୀତିନୀତି ଅନୁଯାୟୀ ସ୍ନାନଯାତ୍ରା ସମେତ ଆଗାମୀ ରଥଯାତ୍ରା ସମୟରେ ଯେପରି କୌଣସି ତ୍ରୁଟିବିଚ୍ୟୁତି ନ ହୋଇ ସୁଚାରୁରୂପେ ସମ୍ପନ୍ନ ହେବ, ସେଥିପାଇଁ ତୃଣମୂଳ ସ୍ତରରୁ ସମନ୍ୱିତ ଭାବେ କାର୍ଯ୍ୟ କରିବାକୁ ଡିଜିପି ସମସ୍ତ ବରିଷ୍ଠ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଧୁନିକୀକରଣ) ସୌମେନ୍ଦ୍ର କୁମାର ପ୍ରିୟଦର୍ଶୀ ଙ୍କ ଦ୍ୱାରା ସ୍ନାନଯାତ୍ରା ପରିଚାଳନା ସମ୍ପର୍କିତ ଏକ ବିସ୍ତୃତ ଉପସ୍ଥାପନା ପ୍ରଦାନ କରାଯାଇଥିଲା। ସ୍ନାନପୂର୍ଣ୍ଣିମା ସମୟରେ ଶ୍ରୀମନ୍ଦିର ଭିତରେ ଓ ବାହାରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଏଥର ମୋଟ ୭୨ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯିବ। ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ବରିଷ୍ଠ ଅଧିକାରୀ ସ୍ତରରେ ୦୬ ଜଣ ଏସପି କମାଣ୍ଡାଣ୍ଟ ୧୭ ଜଣ ଅତିରିକ୍ତ ଏସପି, ୪୨ ଜଣ ଡ଼ିଏସପି ଏବଂ ୯୪ ଜଣ ଇନ୍ସପେକ୍ଟରଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିପରି ୩୫୨ ଜଣ ଏସଆଇ/ଏଏସଆଇ, ୫୩ ଜଣ ହାବିଲଦାର, ୪୨୮ ଜଣ କନଷ୍ଟେବଳ ମୁତୟନ ହେବେ। ସ୍ନାନ ମଣ୍ଡପରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଭକ୍ତଙ୍କ ଆଗମନକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ଏବଂ ସୁଦୃଢ଼ ବାରିକେଡ୍ ବ୍ୟବସ୍ଥା କରାଯାଇଛି। ଯାହା ଫଳରେ ଶ୍ରଦ୍ଧାଳୁମାନେ ଧାଡ଼ିରେ ଯାଇ ସହଜରେ ଦର୍ଶନ କରିପାରିବେ। ଶ୍ରୀମନ୍ଦିର ଭିତରେ, ଚାରିପାଖରେ ଏବଂ ସମସ୍ତ ବାରିକେଡ୍ ମଧ୍ୟରେ ଅତ୍ୟାଧୁନିକ ସିସିଟିଭି କ୍ୟାମେରା ସଂଯୋଗ କରାଯାଇ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବ। ଯେକୌଣସି ଜରୁରୀକାଳୀନ ପରିସ୍ଥିତିର ତତ୍କାଳ ମୁକାବିଲା ପାଇଁ ବାରିକେଡ୍ ଏବଂ ମନ୍ଦିର ଭିତରେ ସ୍ୱତନ୍ତ୍ର କ୍ରାକ୍ ଟିମ୍ ସଦାସର୍ବଦା ପ୍ରସ୍ତୁତ ରହିବେ। ପକେଟମାର୍ ଓ ଚେନ୍ ଲୁଟେରାଙ୍କୁ ରୋକିବା ପାଇଁ ସ୍ୱତନ୍ତ୍ର 'ଆଣ୍ଟି ସ୍ନାଚିଂ ସ୍କ୍ୱାଡ୍' ସହ ଆକସ୍ମିକ ସ୍ଥିତି ପାଇଁ 'ଷ୍ଟ୍ରାଇକିଂ ଫୋର୍ସ' ମୁତୟନ ରହିବେ। ଏହା ସହ ଜିଲ୍ଲା ପ୍ରଶାସନର ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବିଭାଗ ସହ ସମନ୍ୱୟ ରଖାଯାଇ ଏହି ପବିତ୍ର ଦେବସ୍ନାନ ପୂର୍ଣ୍ଣିମାକୁ ସଫଳ ଭାବେ ଆୟୋଜନ କରିବାକୁ ଡିଜିପି ବରିଷ୍ଠ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ବୈଠକରେ ଗୁଇନ୍ଦା ନିର୍ଦ୍ଦେଶକ ଆର. ପି. କୋଚେ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ରେଳବାଇ ଏବଂ ଉପକୂଳ ସୁରକ୍ଷା) ଅରୁଣ ବୋଥ୍ରା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର, ପରିବହନ କମିଶନର ଅମିତାଭ ଠାକୁର , ପୋଲିସ କମିସନର (ଭୁବନେଶ୍ୱର-କଟକ) ଡ଼ ଦେବଦତ୍ତ ସିଂ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଏସଏପି) ରାଜେଶ କୁମାର, ଆଇଜିପି, ଟ୍ରେନିଂ, (ବିପିଏସପିଏ) ଅନୁପ କୁମାର ସାହୁ, ନିର୍ଦ୍ଦେଶକ (ଏସସିଆରବି) ଅବିନାଶ କୁମାର, ଆଇଜି (କେନ୍ଦ୍ରାଞ୍ଚଳ) ସତ୍ୟଜିତ ନାୟକ, ଡିଆଇଜି (ପ୍ରୋଭିଜନିଂ) ଚରଣ ସିଂ ମିନା, ଡିଆଇଜି (ଏସଟିଏଫ) ଡ କନୱର ବିଶାଳ ସିଂ, ଡିଆଇଜି (କାର୍ମିକ) ଯୁଗଳ କିଶୋର କୁମାର ବନୋଥ, ଡିଆଇଜି (କ୍ରାଇମବ୍ରାଞ୍ଚ) ବି. ଗଙ୍ଗାଧରଙ୍କ ସମେତ ବହୁ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।

# ଚାନ୍ଦିପୁରରେ ସଫଳ କ୍ଷେପଣାସ୍ତ୍ର ପରୀକ୍ଷଣ

## ବଢ଼ିଲା ଭାରତର ପ୍ରତିରକ୍ଷା ଶକ୍ତି



**ବାଲେଶ୍ୱର :** ଭାରତୀୟ ପ୍ରତିରକ୍ଷା କ୍ଷେତ୍ରରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ମିଳିଛି। ବୁଧବାର ଅପରାହ୍ନରେ ବାଲେଶ୍ୱର ଜିଲ୍ଲା ଚାନ୍ଦିପୁର ଏକୀକୃତ ପରୀକ୍ଷଣ ଶିବିର ଠାରେ ଡିଆରଡିଓ ପକ୍ଷରୁ ଏକ ଅତ୍ୟାଧୁନିକ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ କରାଯାଇଛି। ସୂଚନା ଅନୁଯାୟୀ, ବୁଧବାର ଅପରାହ୍ନ ସାଢ଼େ ୩ଟା ସମୟରେ ଚାନ୍ଦିପୁରର ୩ ନମ୍ବର ଲଞ୍ଚ ପ୍ୟାଡ୍‌ରୁ ଏହି କ୍ଷେପଣାସ୍ତ୍ରକୁ ଉତକ୍ଷେପଣ କରାଯାଇଥିଲା। ପରୀକ୍ଷଣ ସମୟରେ ଡିଆରଡିଓର ବୈଜ୍ଞାନିକମାନେ କ୍ଷେପଣାସ୍ତ୍ରର ଗତିବିଧିକୁ ନିରନ୍ତର ନୀରିକ୍ଷଣ କରିବା ସହ ଆବଶ୍ୟକୀୟ ତଥ୍ୟ ସଂଗ୍ରହ କରିଥିଲେ। ଏହି ପରୀକ୍ଷଣ ସମ୍ପୂର୍ଣ୍ଣ ସଫଳ ହୋଇଥିବା ଅଧିକାରୀମାନେ ସୂଚନା ଦେଇଛନ୍ତି। ପରୀକ୍ଷଣକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥାକୁ ବ୍ୟାପକ କରାଯାଇଥିଲା। ଲଞ୍ଚ ପ୍ୟାଡ୍‌ର ଚତୁଃପାର୍ଶ୍ୱ ୩.୫ କିଲୋମିଟର ଦୂରତା ପର୍ଯ୍ୟନ୍ତ ରହୁଥିବା ୧୧,୪୪୨ ଜଣ ସ୍ଥାନୀୟ ବାସିନ୍ଦା ଏବଂ ସେମାନଙ୍କ ଗୃହପାଳିତ ପଶୁଙ୍କୁ ସୁରକ୍ଷା ଦୃଷ୍ଟିରୁ ଅସ୍ଥାୟୀ ସ୍ଥାନାନ୍ତର କରାଯାଇଥିଲା। ସ୍ଥାନାନ୍ତରିତ ଲୋକଙ୍କ ପାଇଁ ଜିଲା ପ୍ରଶାସନ ପକ୍ଷରୁ ଆବଶ୍ୟକୀୟ ବନ୍ଦୋବସ୍ତ କରାଯାଇଥିଲା। ଏହି ସଫଳ ପରୀକ୍ଷଣ ଜାତୀୟ ସୁରକ୍ଷାକୁ ଆହୁରି ମଜବୁତ କରିବାରେ ସହାୟକ ହେବ। ସ୍ୱଦେଶୀ ବୈଷୟିକ ଜ୍ଞାନ କୌଶଳରେ ନିର୍ମିତ ଏହି କ୍ଷେପଣାସ୍ତ୍ର ଭାରତର ପ୍ରତିରକ୍ଷା ଗବେଷଣାକୁ ନୂଆ ଦିଗ ଦେଇଛି। ଓଡ଼ିଶାର ଏହି ରଣନୈତିକ ପରୀକ୍ଷା ସୁବିଧା ପୁଣିଥରେ ଦେଶର ପ୍ରତିରକ୍ଷା କ୍ଷେତ୍ରରେ ନିଜର ଗୁରୁତ୍ୱ ପ୍ରମାଣିତ କରିଛି।

### ପରାଜୟର ଦୁଇବର୍ଷ ପରେ ପୁଣି ଅଣ୍ଟା ଭିଡ଼ିଲା ବିଜେଡି

# ଜିଲ୍ଲା ବୁଲି ଲୋକ ସମ୍ପର୍କ ତିଆରି କରିବେ ନବୀନ



**ଭୁବନେଶ୍ୱର :** ନିର୍ବାଚନ ପରାଜୟକୁ ଦୁଇବର୍ଷ ପୁରିଛି । ଦୁଇବର୍ଷ ଭିତରେ ବିଜେଡି ଅନେକ ବିପର୍ଯ୍ୟୟକୁ ସାମ୍ନା କରିଛି । ନିର୍ବାଚନ ପୂର୍ବରୁ ବିଜେଡିର ଦୁର୍ନୀତି ଅଭିଯୋଗ ଥିବା ନେତାଙ୍କୁ ଜେଲରେ ପୁରାଇବାକୁ ଗର୍ଜନ କରୁଥିବା ବିଜେପି ଧିରେ ଧିରେ ବିଜେଡି ନେତାଙ୍କୁ ଜେଲରେ ପୁରାଇବା ପରିବର୍ତ୍ତେ ନିଜ ଦଳରେ ଉତ୍ତରୀୟ ଦେଇ ସାମିଲ କରିଛି । ରାଜ୍ୟସଭାରେ ଜଣଙ୍କ ପରେ ଜଣେ ସାଂସଦ ବିଜେଡି ଛାଡ଼ି ବିଜେପିରେ ଯୋଗ ଦେଇଛନ୍ତି । କହିବାକୁ ଗଲେ ବିଜେଡିକୁ ଭାଙ୍ଗିବାକୁ କଳ, ବଳ କୌଶଳ ଲଗାଇ ଦେଇଛି ଶାସକ ବିଜେପି । ପଞ୍ଚାୟତ ସ୍ତରରୁ ନେଇ ସଂସଦୀୟ କ୍ଷେତ୍ର ପର୍ଯ୍ୟନ୍ତ ସବୁଠି ବିଜେଡି ନେତାଙ୍କୁ ବିଜେପି ହାତେଇ ନେବାରେ ସଫଳ ହୋଇଛି । ଆଗକୁ ରହିଛି ପଞ୍ଚାୟତ ଓ ପୌର ନିର୍ବାଚନ । ଏହାକୁ ନଜରରେ ରଖି ପୁଣି ମୈଦାନକୁ ଓହ୍ଲାଇବାକୁ ଘୋଷଣା କରିଛନ୍ତି ରାଜ୍ୟକୁ ଦୀର୍ଘ ୨୪ବର୍ଷ ଧରି ଶାସନ କରିଥିବା ନବୀନ ପଟ୍ଟନାୟକ । ଏନେଇ ସେ ଜିଲ୍ଲାକୁ ଜିଲ୍ଲା ବୁଲି ପୁଣି ଦଳୀୟ ସଂଗଠନକୁ ମଜବୁତ କରିବାକୁ ନେତା ଓ କର୍ମୀଙ୍କୁ ନବୀନ ନିର୍ଦ୍ଦେଶ ଦେଇଛନ୍ତି । ହେଲେ ଜିଲ୍ଲା ଗସ୍ତ ପୂର୍ବରୁ ନବୀନ ପଟ୍ଟନାୟକ ୧୦୦ ଟି ବିଧାନସଭା ମଣ୍ଡଳୀର ନେତାଙ୍କ ସହ ଆଲୋଚନା କରିବା ଓ ସେମାନଙ୍କ ଠାରୁ ପରାମର୍ଶ ମଧ୍ୟ ନେଇଛନ୍ତି । ଏଥିରେ ନବୀନ ଦଳୀୟ ନେତାଙ୍କୁ କହିଛନ୍ତି କି, ୨ ବର୍ଷ ମଧ୍ୟରେ ରାଜ୍ୟ ସରକାରଙ୍କ ବିଫଳତାକୁ ଲୋକଲୋଚନ ଆଣ । ଆଜି ନବୀନ ନିବାସରେ ହୋଇଥିବା ବୈଠକରେ ମୁଖ୍ୟତ ୬ ଟି ପ୍ରସଙ୍ଗ ଉପରେ ଆଲୋଚନା ହୋଇଛି । ସେଥିମଧ୍ୟରୁ ମୁଖ୍ୟତଃ ଦରଦାମ ବୃଦ୍ଧି, ଚାଷୀ ସମସ୍ୟା, ମହିଳା ନିର୍ଯାତନା, ଆଇନଶୃଙ୍ଖଳା, ମହିଳା ସଶକ୍ତିକରଣରେ ବିଫଳତା, ଭତ୍ତା ଦେବାରେ ବିଫଳ, ମେକ୍ ଇନ୍ ଓଡ଼ିଶା କ୍ଷେତ୍ରରେ ବିଫଳତା ଓ ପର୍ଯ୍ୟଟନ କ୍ଷେତ୍ରରେ ଓଡ଼ିଶା କିଭଳି ଭାରତରେ ବଦନାମ ହେଉଛି ତା ଉପରେ ଆଲୋଚନା ହୋଇଛି। ଏହି ବୈଠକରେ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ମଧ୍ୟ ଆଲୋଚନା ହୋଇଛି। କିଭଳି ତୃଣମୂଳସ୍ତରରେ ଦଳକୁ ଅଧିକ ମଜବୁତ୍ କରାଯିବ ସେନେଇ ନବୀନ ଆଲୋଚନା କରିଛନ୍ତି।

# ଓଡ଼ିଶା ଗାଁରେ ଆନ୍ଧ୍ରର ଦାଦାଗିରି

## କୋଟିଆରେ ଆନ୍ଧ୍ର ମନ୍ତ୍ରୀଙ୍କ ସଭା

**କୋଟିଆ:** ଉତ୍ତର୨ରେ ପଶ୍ଚିମବଙ୍ଗ ସହ ଜଗନ୍ନାଥ ଧାମକୁ ନେଇ ଥିବା ବିବାଦର ସମାଧାନ ହୋଇଥିବାବେଳେ ଦକ୍ଷିଣରେ ଆନ୍ଧ୍ର ସହ ଲାଗି ରହିଛି ବିବାଦ । ବାରମ୍ବାର ମୁହାଁମୁହିଁ ହେବା ସତ୍ତ୍ୱେ ଓଡ଼ିଶା ସୀମାରେ ପଶି ଦାଦାଗିରି କରୁଛି ଆନ୍ଧ୍ର । ପୂର୍ବରୁ ଆନ୍ଧ୍ର ଅଧିକାରୀ ଆସି ଜନଗଣନା କରିଥିବାବେଳେ ଏବେ ରାସ୍ତାର ଉଦଘାଟନ କରିଛନ୍ତି ଆନ୍ଧ୍ର ମନ୍ତ୍ରୀ । ଯାହାକୁ ନେଇ ଓଡ଼ିଶାରେ ତେଜିଛି ରାଜନୀତି । ଓଡ଼ିଶା-ଆନ୍ଧ୍ର ସୀମା ବିବାଦର କେନ୍ଦ୍ରବିନ୍ଦୁ କୋଟିଆ ଗ୍ରାମପୁଞ୍ଜିର ସୀମାନ୍ତ ଗାଁରେ ପୁଣି ଦେଖିବାକୁ ମିଳିଛି ଆନ୍ଧ୍ର ପ୍ରଦେଶ ସରକାରଙ୍କ ସକ୍ରିୟତା । ଆନ୍ଧ୍ର ପ୍ରଦେଶର ଆଦିବାସୀ, ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରୀ ତଥା ସାଲୁର ବିଧାୟିକା ଗୁମ୍ମଡି ସନ୍ଧ୍ୟାରାଣୀ କୋଟିଆ ପଞ୍ଚାୟତର ନେରେଡିବାଲସା ଗାଁ ଗସ୍ତ କରି ଏକ ନୂତନ ରାସ୍ତାର ଉଦଘାଟନ କରିଛନ୍ତି । ଏହାସହ ସ୍ଥାନୀୟ ଲୋକଙ୍କ ସହ ବୈଠକ କରି ଆନ୍ଧ୍ର ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ଅବଗତ କରାଇଛନ୍ତି । ଏବଂ ଓଡ଼ିଶା ସରକାର ଓ ପୁଲିସ ବିରୋଧରେ ମନଇଚ୍ଛା ବର୍ଷିଛନ୍ତି । କୋଟିଆକୁ ନେଇ ଦୁଇ ରାଜ୍ୟ ମଧ୍ୟରେ ବିବାଦ ଲାଗି ରହିଥିବା ବେଳେ ଆନ୍ଧ୍ରର ଜଣେ କ୍ୟାବିନେଟ୍ ମନ୍ତ୍ରୀଙ୍କ ଏହି ଗସ୍ତ ଓ କାର୍ଯ୍ୟକ୍ରମ ପୁଣିଥରେ ପ୍ରସଙ୍ଗକୁ ଚର୍ଚ୍ଚାକୁ ଆଣିଛି । ଏହି ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ଘେରିଛନ୍ତି ବିରୋଧୀ ।

# ସଡ଼କ ଦୁର୍ଘଟଣା ରେ ଦୁଇ ଜଣ ଟ୍ରକ୍ ଚାଳକ ମୃତ

**କଳାହାଣ୍ଡି:** କଳାହାଣ୍ଡି ଜିଲ୍ଲା କେସିଙ୍ଗା ଥାନା ଅନ୍ତର୍ଗତ ଖଜୁରପଡ଼ା ଗ୍ରାମରେ ବୋରିଗୁମ୍ମା ରୁ ବମର୍ମରଗଡ଼ କୁ ସଂଯୋଗ କରୁଥିବା ଜାତୀୟ ରାଜପଥ ୨୬ ଉପରେ ବୁଧବାର ଭୋର୍ ପ୍ରାୟ ୪ ଘଣ୍ଟା ସମୟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ଦୁର୍ଘଟଣାରେ ୨ ଜଣ ଟ୍ରକ୍ ଚାଳକ ଙ୍କ ଜୀବନ ଚାଲିଯାଇଛି । ସୂଚନା ମୁତାବକ ବୁଧବାର ଭୋର ପ୍ରାୟ ୪ ଟା ସମୟରେ ୩ ଟି ଟ୍ରକ୍ କଳାହାଣ୍ଡି ଜିଲ୍ଲା ହାରାମାଲ୍ ଗ୍ରାମରୁ ଧାନ ଆଣି ଖଜୁରପଡ଼ା ଗ୍ରାମର ଏନ୍ ଏଚ ୨୬ ରାସ୍ତା କଡ଼ରେ ଥିବା ଅରିହନ୍ତ ରାଇସ ମିଲ କୁ ଧାନ ଖାଲି କରିବାକୁ ଆସିଥିଲେ । ଭୋର୍ ପାହାନ୍ତିଆ ସମୟ ଥିବାରୁ ଦୁଇ ଟ୍ରକ୍ ର ଦୁଇଜଣ ଡ୍ରାଇଭର ଗାଡ଼ିକୁ ରାସ୍ତା କଡ଼ରେ ରଖି ଶୌଚ ଯିବା ପାଇଁ ନିଜ ଟ୍ରକ୍ ର କଡ଼ରେ ଛିଡ଼ା ହୋଇଥିବା ବେଳେ ଲାଞ୍ଜିଗଡ ରୁ କେସିଙ୍ଗା ପଟେ ଯାଉଥିବା ଗାଡ଼ି ନଂ ଓଡ଼ି-୧୮-ଏଲ ୭୮୮୮ ଏକ ମାଲ୍ ବୋଝେଇ କଣ୍ଟେନର ଦ୍ରୁତ ଗତିରେ ଆସି ରାସ୍ତା କଡ଼ରେ ଥିବା ୩ ଟି ଟ୍ରକ୍ କୁ ଜୋର୍ ରେ ଧକ୍କା ଦେଇଥିଲା ଏବଂ ୨ ଟ୍ରକ୍ ଡ୍ରାଇଭର ଙ୍କୁ ପ୍ରାୟ ୫୦ ଫୁଟ୍ ଘୋଷାଡି ନେଇଥିଲା । ଫଳରେ ଘଟଣା ସ୍ଥଳରେ ସେହି ଦୁଇ ଡ୍ରାଇଭର ଙ୍କ ମୃତ୍ୟୁ ହୋଇଯାଇଥିଲା ।

### ୫୧ ତମ ଦିବସରେ ରଥଖଳା ହାଲ୍‌ଚାଲ୍

# ଦ୍ୱିତୀୟ ଭୂଇଁ ବା ମଝି ଭୂଇଁ ଫ୍ରେମ୍ ନିର୍ମାଣ ଶେଷ

- ରୂପକାର ସେବକ ନାଟ ଗୋଡ଼ ଓ ସିଂହାସନ କାମ ଜାରି
- ତିନିରଥ ଦଣ୍ଡା ପକାଇଲା ପରେ ବିନ୍ଧ କାପ ସେଟିଂ ହେଲା
- ନିର୍ମାଣକାରୀଙ୍କୁ ଯୋଗାଇ ଦିଆଗଲା ୯ଟି ନଡ଼ିଆ ଗର କଟା



**ପୁରୀ:** ଜୁଲାଇ ୧୬ ତାରିଖ ବିଶ୍ୱପ୍ରସିଦ୍ଧ ରଥଯାତ୍ରା । ଏଥିପାଇଁ ବଡଦାଣ୍ଡ ସ୍ଥିତ ରାଜା ନଅର ସମ୍ମୁଖ ରଥଖଳା ଚଳଚଞ୍ଚଳ ହୋଇପଡିଛି । ରଥ ନିର୍ମାଣକାରୀ ସେବକ ମାନେ ତିନିରଥର ନିର୍ମାଣ କାର୍ଯ୍ୟରେ ନିମଗ୍ନ ରହିଛନ୍ତି । ଦ୍ରୁତ ଗତିରେ ଆଗେଇ ଚାଲିଛି ତିନିରଥ ନିର୍ମାଣ କାର୍ଯ୍ୟ । ବୁଧବାର ରଥ ନିର୍ମାଣର ୫୧ ତମ ଦିବସରେ ନିର୍ମାଣକାରୀ ସେବକ ମାନେ ରଥଖଳା ଠାରେ ମୁଖ୍ୟ ମହାରଣାଙ୍କ ମାର୍ଗ ଦର୍ଶନରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ତିନି ରଥର ଚାରି ନାହାକାରେ ପ୍ରଥମ ଭୂଇଁ ଛ କାଠି ବା ଭୂଇଁ ଚଉତା ସେଟିଙ୍ଗ ହୋଇଥିଲା । ମଙ୍ଗଳବାର ଚାରି ନାହାକାରେ ତିନିରଥର ର ପ୍ରଥମ ଭୂଇଁ ଚଉତା ବା ଛ'କାଠି ସଂଯୋଗ ଶେଷ ହୋଇଥିଲା । ପ୍ରଥମ ଭୂଇଁ ଫ୍ରେମ୍ ର ବାକି ଅଂଶ ଗୁଡ଼ିକ ଯଥା ଭୂଇଁ ଖାମ୍ବୀ ସଂଯୋଗ ହୋଇ ଚାରି ପାର୍ଶ୍ୱରେ ପାଖୁଡ଼ା ଗୁଡିକୁ ଧରି ରଖିବା ପାଇଁ ଚାରି ନାହାକା ଚତୁର୍ପାର୍ଶ୍ୱରେ ଚଉଦ ନାହାକା ଉଠିବା ପରେ ପ୍ରଥମ ଭୂଇଁ ଫ୍ରେମ୍ ଉଠିବା କାର୍ଯ୍ୟ ସମ୍ପନ୍ନ ହେବ । ତିନିରଥ ରେ ଚଉଦ ନାହାକା ବୁଲିବା କାର୍ଯ୍ୟକ୍ରମ ରହିଥିବାରୁ ତାର ପୂର୍ବ ପ୍ରସ୍ତୁତି ଶେଷ ହୋଇଛି । ଏଣୁ ଭୋଇ ସେବକ ମାନେ ତିନିରଥର ମହାରଣା ସେବକ ମାନଙ୍କୁ ଚାରି ଫୁଟ ଲମ୍ବର ନଡ଼ିଆ ଗର ବା ଖଦୀଓରା ଯୋଗାଇ ଦେବା ପରେ ମହାରଣା ସେବକ ମାନେ ସେହି ନଡ଼ିଆ ଗରର ଉଭୟ ପାର୍ଶ୍ୱକୁ ଚିତା କରି ପ୍ରତି ରଥରେ ୯ ଟି ଲେଖାଏଁ ୨୭ ଗୋଟି ଖଦୀଓରା ବା ନଡ଼ିଆ ଗର ସେଟିଙ୍ଗ କାର୍ଯ୍ୟ ଶେଷ ହୋଇଛି। ଦ୍ୱିତୀୟ ଭୂଇଁ ବା ମାଝୀ ଭୂଇଁ ଫ୍ରେମ୍ ନିର୍ମାଣ ଶେଷ ହୋଇଛି। ଆଜି ମୁଖ୍ୟ ମହାରଣାଙ୍କ ତତ୍ତ୍ୱାବଧାନରେ ସହଯୋଗୀ ମହାରଣା ଏବଂ ଭୋଇ ସେବକଙ୍କ ସହଯୋଗରେ ତିନି ରଥର ମଝି ଭୂଇଁ ବା ଦ୍ୱିତୀୟ ଭୂଇଁ ଫ୍ରେମ୍ ନିର୍ମାଣ ସହ ଶେଷ କରିଥିଲେ । ଏଥିସହ ଦ୍ୱିତୀୟ ଭୂଇଁ ର ବିଭିନ୍ନ ଅଂଶ ଗୁଡ଼ିକର ନମ୍ବରିଙ୍ଗ କାର୍ଯ୍ୟ ତିନିରଥର ମହାରଣା ମାନେ ଶେଷ କରିଛନ୍ତି। ତାଳଧ୍ୱଜ ରଥ ମୁଖ୍ୟ ମହାରଣାଙ୍କ ତତ୍ତ୍ୱାବଧାନରେ ମହାପ୍ରଭୁଙ୍କ ଅଣସର ତାଟି ଘର ପ୍ରସ୍ତୁତି ପାଇଁ ଆବଶ୍ୟକ ୩ ଟି ୨୦ ଫୁଟିଆ ଅଣସର ଗୟଳ ନିର୍ମାଣ କାର୍ଯ୍ୟ ଶେଷ କରିଛନ୍ତି ।ରୂପକାର ସେବକ ମାନେ ତିନିରଥ ନାଟ ଗୋଡ଼ରେ କନ୍ଦର୍ପ ରୂପ ଖୋଦେଇ ସହ ଚାରପରିଛା ରେ ପାଞ୍ଚୋଟି ଲେଖାଏଁ ପଦ୍ମ ଫୁଲ ଚିତ୍ର ଖୋଦେଇ ସହ ପଦ୍ମ କଢ଼ି ,ଡାଳି ଲତା ଖୋଦେଇ କାର୍ଯ୍ୟ ଜାରୀ ରଖିଛନ୍ତି । ଦୋଳବେଦୀ ଅସ୍ଥାୟୀ କମାର ଶାଳରେ ଓଝା କମାର ସେବକ ମାନେ ତିନିରଥର ଭୂଇଁ ବିଡିଆ କଣ୍ଟା ସହ ତେର ପରାସ୍ତ ପିତଳ ପାଇଁ ବାଗିଆ କଣ୍ଟା ନିର୍ମାଣ ଜାରୀ ରଖିଛନ୍ତି। ଦୋଳବେଦୀ ଠାରେ ପାହି ମହାରଣା ମାନେ ଅଣସର ଏବଂ ରଥ ଯାତ୍ରା ସେବା ପୂଜା କାଠ ନିର୍ମିତ ସରଞ୍ଜାମ ନିର୍ମାଣ ଜାରୀ ରଖିଛନ୍ତି। ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ରଥଖଳାରେ ପହଞ୍ଚି ପରିଦର୍ଶନ ସହ ରଥ ନିର୍ମାଣ ଅଗ୍ରଗତି ଓ ସମୀକ୍ଷା ସହ କରିଥିଲେ । ରଥ ନିର୍ମାଣକାରୀ ସେବକ ମାନଙ୍କ ସହ କଥାବାର୍ତ୍ତ କରି ରଥ ନିର୍ମାଣ କାର୍ଯ୍ୟ ଆଗେଇ ଥିବାରୁ ସନ୍ତୋଷ ବ୍ୟକ୍ତ କରିଥିଲେ ।

# ଶାଶୁ ଓ ଶ୍ୱଶୁରଙ୍କ ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଲା ଜ୍ୱାଇଁ

**ବାରିପଦା :** ପେଟ୍ରୋଲ ଢାଳି ଶାଶୁ ଓ ଶ୍ୱଶୁରଙ୍କ ଦେହରେ ନିଆଁ ଲଗାଇ ଦେଲେ ଜ୍ୱାଇଁ। ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ଥାନା ନାଉପଦ ଗାଁରୁ ଆସିଛି ଏହି ଅଭିଯୋଗ। ଗତକାଲି ବିଳମ୍ବିତ ରାତିରେ ଘଟିଛି ଏହି ଘଟଣା। ଅଭିଯୁକ୍ତଙ୍କ ନାଁ ସେକ ସାଗିର। ତାଙ୍କ ଘର ରଘୁନାଥପୁରରେ। ସୂଚନା ଅନୁଯାୟୀ, ପାରିବାରିକ ଗଣ୍ଡଗୋଳ ଯୋଗୁ ସେକ ସାଗିରଙ୍କ ସ୍ତ୍ରୀ ତାଙ୍କ ବାପ ଘରେ ରହୁଛନ୍ତି। ସ୍ତ୍ରୀଙ୍କୁ ଘରକୁ ଫେରାଇ ନେବାକୁ ସେ ବିଭିନ୍ନ ସମୟରେ ଶ୍ୱଶୁର ଘରକୁ ଆସି ଧମକଚମକ ଦିଅନ୍ତି। ଗତକାଲି ବିଳମ୍ବିତ ରାତିରେ ମଧ୍ୟ ସେ ଆସି ପାଟିତୁଣ୍ଡ କରିଥିଲେ। ତା'ପରେ ଶାଶୁ ସୁହାନା ବିବି ଓ ଶ୍ୱଶୁର ସେକ ହାରୁନ ଅଲ୍ଲୀଙ୍କ ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ସେକ ସାଗିରଙ୍କ ଶାଶୁ ଓ ଶ୍ୱଶୁରଙ୍କ ଚିତ୍କାର ଶୁଣି ପଡ଼ୋଶୀମାନେ ଧାଇଁ ଆସିଥିଲେ ଓ ନିଆଁ ଲିଭାଇ ଥିଲେ। ଏହା ସହିତ ସେମାନେ ପୁଲିସକୁ ଖବର ଦେଇଥିଲେ। ପୁଲିସ ଉଭୟ ଆହତଙ୍କୁ ବାରିପଦା ସ୍ଥିତ ପିଆରଏମ୍ ମେଡିକାଲ କଲେଜ ଓ ହସ୍‌ପିଟାଲକୁ ପଠାଇଥିଲା। ସୁହାନା ବିବି ଓ ସେକ ହାରୁନ ଅଲ୍ଲୀଙ୍କ ଅବସ୍ଥା ଗୁରୁତର ରହିଛି। ସେମାନଙ୍କ ଚିକିତ୍ସା ଚାଲିଥିବା ବେଳେ ପୁଲିସ ଘଟଣାର ତଦନ୍ତ କରୁଛି। ଅଭିଯୁକ୍ତ ସେକ ସାଗିର ଫେରାର ଅଛନ୍ତି। ତାଙ୍କ ନାଁରେ ପୂର୍ବରୁ ମଧ୍ୟ ଥାନାରେ ବିଭିନ୍ନ ମାମଲା ଥିବା ଜଣାପଡ଼ିଛି।

ସମ୍ପାଦକୀୟ

# ଦଳ ଖସିବ ତୃଣମୂଳକୁ

ଆରମ୍ଭ ହୋଇଥିଲା ତୃଣମୂଳରୁ, ଏବେ କିନ୍ତୁ ଫେରିବ ତଳ ସ୍ତରକୁ। ପୁଣି ସେଇ ତୃଣମୂଳକୁ। ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ନିଜସ୍ୱ ଦଳ, ତାଙ୍କରି ନେତୃତ୍ୱରେ ପରିଚାଳିତ ଦଳ ତୃଣମୂଳ କଂଗ୍ରେସ ଆଜି ପତନର ଦ୍ୱାରଦେଶରେ ! ଏ କଥାକୁ କେହି ବି ଏତେ ସହଜରେ ବିଶ୍ୱାସ କରି ନପାରେ। ହେଲେ ଆଗକୁ ସେଭଳି କିଛି ଘଟିପାରେ ଅବା ସେମିତି କିଛି ପରିସ୍ଥିତି ସୃଷ୍ଟି ହୋଇପାରେ, ଯାହାକି ଧୀରେ ଧୀରେ ତଳ ସ୍ତରକୁ ନେଇଯିବ ତୃଣମୂଳକୁ। ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ନେତୃତ୍ୱରେ ୧ ଜାନୁଆରୀ ୧୯୯୮ ମସିହାରେ ଗଠନ କରାଯାଇଥିଲା ତୃଣମୂଳ କଂଗ୍ରେସ ଦଳ । ଭାରତୀୟ ଜାତୀୟ କଂଗ୍ରେସ୍‌ରୁ ନିଜର ସମସ୍ତ ସମ୍ପର୍କ ଛିନ୍ନକରି ସେ ତାଙ୍କର ଏହି ନିଜସ୍ୱ ରାଜନୈତିକ ଦଳ ଗଠନ କରିଥିଲେ। ଯାହା ପଛରେ ତାଙ୍କର ଉଦ୍ଦେଶ୍ୟ ଅବଶ୍ୟ ମହତ ଥିଲା। ସେଇଥିପାଇଁ ତ ସେ ଆରମ୍ଭ କରିଥିଲେ ତୃଣମୂଳ କଂଗ୍ରେସ ଦଳ ତାହାପୁଣି ନୂତନ ବର୍ଷରୁ । ମା'କାଳୀଙ୍କ ପାଖରେ ବିଶେଷ ପୂଜାର୍ଚ୍ଚନା କରି ସେ ଆରମ୍ଭ କରିଥିଲେ ଏହି ଦଳ। ସେଇଥିପାଇଁ ତ ସେ ସମୟ ସମୟରେ ତାଙ୍କ ରାଜନୈତିକ ଜୀବନରେ କେବେ କେବେ ଅତି ଉଗ୍ର ରୂପ ଧାରଣ କରୁଥିଲେ। ଯାହାକୁ ଆମେ ଅନ୍ୟ ଭାବରେ ବା ଭିନ୍ନ ଅର୍ଥରେ ଓଭରସ୍ମାର୍ଟ କହିପାରୁ। ଦିଦି ତାଙ୍କ ରାଜନୈତିକ ଜୀବନରେ ସେଭଳି ଭାବଭଙ୍ଗୀରେ ରାଜନୈତିକ ମଞ୍ଚରେ ଅନେକ ବାର ନିଜକୁ ଉପସ୍ଥାପନ କରିବାର ଅମେ ଲକ୍ଷ୍ୟ କରିଛୁ। କେବଳ ଆମେ ନୁହେଁ, ସାରା ଭାରତ ମଧ୍ୟ ଲକ୍ଷ୍ୟ ରଖିଛି। ତେବେ କାହିଁକି ? କେଉଁ କାରଣରୁ ଦିଦିଙ୍କ୍ ଏପରି ଉଗ୍ରରୂପ ! ଆନୁମାନିକ କାରଣ ହେଉଛି ଦିଦି ମଧ୍ୟ ପଶ୍ଚିମବଙ୍ଗ ରାଜନୀତିରେ ନିଜର ଏକ ବିଶେଷ ତଥା ବୃହତ୍ ପରିଚୟ ସୃଷ୍ଟି କରିବାର ଲମ୍ବା ଯୋଜନା ରଖିଥିଲେ ଯାହା କିନ୍ତୁ ଅଧାରେ ରହିଗଲା। ଦିଦିଙ୍କ ସ୍ୱପ୍ନ କିନ୍ତୁ ସେହିଭଳି ସ୍ୱପ୍ନରେ ରହିଗଲା। ତେବେ ଦିଦି ତାଙ୍କର କଂଗ୍ରେସରେ ଅସ୍ତିତ୍ୱ ସମୟରେ ପ୍ରଥମରୁ ହିଁ ନିଜର ସ୍ୱତନ୍ତ୍ର ପ୍ରଭାବ ପ୍ରଦର୍ଶନ ଆରମ୍ଭ କରି ଦେଇଥିଲେ। ସେଥିପାଇଁ ତ ମମତା ବାନାର୍ଜୀ କଂଗ୍ରେସରେ ତାଙ୍କ ରାଜନୀତିକ କ୍ୟାରିୟର ଆରମ୍ଭରେ କମ୍ୟୁନିଷ୍ଟର ଏକ ବହୁତ ବଡ଼ ରାଜନେତା ସୋମନାଥ ଚାଟାର୍ଜୀଙ୍କୁ ପଶ୍ଚିମବଙ୍ଗର ଯାଦବପୁର କନଷ୍ଟିଚ୍ୟୁଏନସୀରୁ ବିପୁଳ ଭୋଟ୍ ବ୍ୟବଧାନରେ ହରାଇ ଲୋକସଭାକୁ ନିର୍ବାଚିତ ହୋଇଥିଲେ। ସେତେବେଳେ ଲୋକସଭାରେ ଦେଶର ସର୍ବକନିଷ୍ଠ ପାର୍ଲାମେଣ୍ଟାରିଆନ୍ ଭାବରେ ମମତା ଦିଦି ମଧ୍ୟ ଚର୍ଚ୍ଚାର ପରିସର ମଧ୍ୟକୁ ଆସିଯାଇଥିଲେ। ପରବର୍ତ୍ତୀ ସମୟରେ ନିଜର ବଳିଷ୍ଠ ରାଜନୈତିକ କାର୍ଯ୍ୟକଳାପ ଜରିଆରେ ମମତା ଦିଦି ପଶ୍ଚିମବଙ୍ଗ ରାଜନୀତିରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଥିଲେ। ତେବେ କଂଗ୍ରେସରେ ନିଜର ସୀମିତ ସମୟ କାର୍ଯ୍ୟକାଳରେ ସେ ପଶ୍ଚିମବଙ୍ଗବାସୀଙ୍କ ପାଇଁ ଯାହା ବି କିଛି ଉଲ୍ଲେଖନୀୟ କାର୍ଯ୍ୟକଳାପ କରିଯାଇଥିଲେ ସେଥିରେ ବେଙ୍ଗଲବାସୀ କେତେଦୁର ସନ୍ତୁଷ୍ଟ ଥିଲେ, ତାହା ତ ଭିନ୍ନ କଥା, ତେବେ ନିଜେ ମମତା ଦିଦି କିନ୍ତୁ କେବେ ବି ସନ୍ତୁଷ୍ଟ ନଥିଲେ ଯେହେତୁ ମମତା ଦିଦି ରାଜ୍ୟ ରାଜନୀତିରେ ନିଜର ଏକ ସ୍ୱାଧୀନ ଦଳ ଗଠନ ମାଧ୍ୟମରେ ବଙ୍ଗବାସୀଙ୍କ ପାଇଁ କିଛି ବିଶେଷ କିଛି କାର୍ଯ୍ୟ କରିବାକୁ ଚାହୁଁଥିଲେ । ସେଥିପାଇଁ ମା'ମାଟି, ମାନୁଷର ନାରା ଦେଇ ଦୀର୍ଘ ୩୪ ବର୍ଷର କମ୍ୟୁନିଷ୍ଟ ଶାସନର ଅନ୍ତ ଘଟାଇବାରେ ସକ୍ଷମ ହୋଇପାରିଥିଲେ ମମତା। ୨୦୧୧ ରୁ ୨୦୨୬ ପର୍ଯ୍ୟନ୍ତ ନିଜର ମୁଖ୍ୟମନ୍ତ୍ରୀତ୍ୱ କାଳରେ ମମତା ବଙ୍ଗବାସୀଙ୍କ ପାଇଁ ଯାହା ବି କିଛି ଉନ୍ନତିମୂଳକ କାର୍ଯ୍ୟ କରିଥିଲେ, ସେ ସବୁରେ ଏବେ ପଡ଼ିଛି ପୂର୍ଣ୍ଣଚ୍ଛେଦ। ବଙ୍ଗରେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ମାତ୍ରାଧିକ ସୁଯୋଗ ଦେଇ ନିଜର ଭୋଟବ୍ୟାଙ୍କକୁ ସୁରକ୍ଷିତ ରଖିବାର ମସ୍ତବଡ଼ ଭୁଲ୍ ହିଁ ମମତା ଦିଦିଙ୍କ ନିର୍ବାଚନରେ ପରାଜୟର ଅନ୍ୟତମ ମୁଖ୍ୟ କାରଣ ବୋଲି କୁହାଯାଇପାରେ। ଦିଦିଙ୍କ୍ ଦୁର୍ନୀତି ଏବଂ ଦାଦାଗିରି ବି ପରାଜୟର କାରଣ ହୋଇପାରେ। ସେତେବେଳେ ତ ଦିଦି ବୁଝିପାରୁନଥିଲେ, ହେଲେ ଏବେ କିନ୍ତୁ ବୁଝିଲେ ବିଳମ୍ବରେ। ତଥାପି ଯାଇନି ଆତ୍ମବଡ଼ିମା। ଏବେ ଦଳ ଖସିବ ସେଇ ତୃଣମୂଳ ସ୍ତରକୁ । ଯେଉଁ ସ୍ତରରୁ ଆରମ୍ଭ ହୋଇଥିଲା ପୁଣି ଖସିବ ସେହି ସ୍ତରକୁ, ହୁଏତ ଆହୁରି ତଳକୁ ତଳକୁ। ନିଜ ନିର୍ବାଚନମଣ୍ଡଳୀରୁ ନିଜେ ହାରିବା ଏକ ମନ୍ଦ ଉଦାହରଣ ।

## ଗୁରୁବାକ୍ୟ

ଗୋଟିଏ ବୋଲି ପୁଅ ହୋଇଥିବା ହେତୁ ପରିବାରରେ ସମସ୍ତଙ୍କର ଅତି ଗେହ୍ଲା ପୁଅ ଥିଲେ ସେ । ସମାଜର ଜଣେ ଜଣେ ଧନୀ ବ୍ୟକ୍ତିଙ୍କର ପୁତ୍ର ଥିଲେ। ତେବେ ତାଙ୍କର ଗୋଟାଏ ଅତି ଖରାପ୍ ଗୁଣ ଥିଲା। ସେ ଭାରୀ ବଦରାଗୀ ଥିଲେ। କଥାରେ କଥାରେ ସେ ବହୁତ ରାଗିଯାଉଥିଲେ। ତାଙ୍କର ବ୍ୟବହାର ଅନେକ ସମୟରେ ଅନେକଙ୍କ ପ୍ରତି ଅତି କର୍କଶ ହୋଇପଡୁଥିଲା। ଅତି ଖରାପ୍ ହୋଇପଡୁଥିଲା ଯାହାକୁ ପିଲାଟିର ବାପାମା' ବହୁତ ଚିନ୍ତିତ ହେଉଥିଲେ। କ'ଣ କରିବେ , କ'ଣ ଭାବିବେ ? ପିଲାଟିକୁ ସେ କେମିତି ପରିବର୍ତ୍ତନ କରିବେ , ପିଲାଟିକୁ ସେ କେମିତି ସୁଧାରିବେ ? ସେଇ ଚିନ୍ତାରେ ବାପା ମା' ଦୁହେଁ ଘାରି ହେଉଥାନ୍ତି ହେଲେ ପିଲାଟିର ପରିବର୍ତ୍ତନ ନେଇ ସେମାନେ ସେମିତି କିଛି ରାସ୍ତା ଅବା ମାର୍ଗ ପାଉ ନଥିଲେ। ଏମିତି ଚିନ୍ତାରେ ଥାଇ ଥରେ ପିଲାର ପରିବର୍ତ୍ତନ ନେଇ ସେମାନେ ତାଙ୍କ ପରିବାରର ଜନୈକ କୁଳଗୁରୁଙ୍କ ସହିତ ପରାମର୍ଶ କଲେ। ଗୁରୁଙ୍କର ଉତ୍ତର ଥିଲା କିଛି ଭିନ୍ନ । ଗୁରୁଙ୍କ ମତରେ କୌଣସି ଗୋଟିଏ ମଣିଷର ସନ୍ତାନ ସନ୍ତତି କେବେ ବି ଗୋଟାଏ ପ୍ରକାରର ହୋଇ ନପାରନ୍ତି। ତେଣୁ ଏଥିରେ ବିଶେଷ ଚିନ୍ତା କରିବାର କୌଣସି କାରଣ ନାହିଁ। କେବେ କେବେ ସେମିତି ବି ହୁଏ। କେବେ କେବେ ଏମିତି ବି ହୁଏ ଯେ ଗୋଟିଏ ପରିବାରରେ ଜନ୍ମିତ ଦୁଇଟି ପିଲା କେବେ ବି ଏକା ନ ହୋଇପାରନ୍ତି। ଜଣେ ବାପା ଭଳି ହୋଇଥାଏ ତ ଆଉ ଜଣେ ତା'ର ମାଆ ଭଳ ହୋଇଥାଏ । ଏଣୁ ସେଥିପାଇଁ ଗୋଟିଏ ପରିବାରର ଦୁଇଟି ଦୁଇଟି ପିଲା କେବେ କେବେ ଭିନ୍ନ ଭିନ୍ନ ହୋଇ ଯାଆନ୍ତି। ଠିକ୍ ସେମିତି ସେହି ପିଲାଟି ଏମିତି ବଦଳିଯାଇଛି। ଜଣେ ଧନୀ ଘରର ପିଲାର ବାପା ଭଳି ତା'ର ପିଲାଟା ମଧ୍ୟ କଠୋର ତଥା କର୍କଶ ହୋଇଯାଇଛି। ତେବେ ଏଠାରେ କ'ଣ କରାଯାଇପାରେ। କିଭଳି ଧନୀ ଘରର ସେହି ବାଲୁଙ୍ଗା ପିଲାର ମନଟା ପରିବର୍ତ୍ତନ ହୋଇପାରିବ, ସେ ନେଇ ଗୁରୁ ଅବଶ୍ୟ କିଛି ପରାମର୍ଶ ଦେଇଥିଲେ ସେଦିନ ତା'ର ବାପା- ମଆଙ୍କୁ ଯାହା ମାଧ୍ୟରେ ଅନ୍ତତଃ ପିଓାଟା ପରିବର୍ତ୍ତନ ହୋଇପାରିବ। ତେବେ ଗୁରୁଙ୍କ ପରାମର୍ଶ ଶେଷରେ ପିଲାଟାର ବିଚାରଧାରା ପରିବର୍ତ୍ତନ କରିବାରେ ଅବଶ୍ୟ ସହାୟକ ହୋଇପାରିଲା।ଧନୀକ ବ୍ୟକ୍ତିଙ୍କ ପାରିବାରିକ ଗୁରୁ ବୋଲାଉଥିବା ସେହି ମହାଶୟ ଜଣଙ୍କ ମତରେ କାହାକୁ ଆମେ କିଛି ପରାମର୍ଶ ଅବା ଉପଦେଶ ଦେଇ ତାକୁ ଠିକ୍ ଭାବେ ଗଢ଼ିବାର ଚେଷ୍ଟା କରିପାରିବା ହେଲେ ଜଣଙ୍କୁ ସମ୍ପୂର୍ଣ୍ଣ ରୂପେ ପରିବର୍ତ୍ତନ କରିପାରିବା ନାହିଁ। ଜଣକର ପରିବର୍ତ୍ତନ କେବଳ ତା'ର ବିଚାରଧାରାରେ ପରିବର୍ତ୍ତନ ପରେ ଆସିପାରିବ। ପରିବର୍ତ୍ତନ କେବଳ ତା'ର ନିଜର ମାନସିକ ଚିନ୍ତାଧାରା ଉପରେ ନିର୍ଭର କରେ। ଯାହାହେଉ ଶେଷରେ ପରିବର୍ତ୍ତନ ହେଲା ଜନୈକ ଧନୀ ବ୍ୟକ୍ତିଙ୍କ ପୁଅ।

# ଜୀବନ ନଈ



ଆର୍ତ୍ତବନ୍ଧୁ ଦାସ

ଜୀବନ ନଈ ସଦୃଷ କାହାର ବି ସରଳ ସିଧାସଳଖ ହୋଇଥାଏ କି ଗଭୀରତା ଦୃଷ୍ଟିରୁ ମଧ୍ୟ ସବୁରେ ସମାନତା ନଥାଏ । କୋଉଟା ଉଠାଣି ଗଡାଣୀ ଗିରି ବନ ଗହ୍ୱର ଅତିକ୍ରମ ସଦା ଆଗକୁ ଆଗକୁ ହିଁ ଅବିଚଳିତ ଭାବେ ପଛକୁ ନ ଚାହିଁ ଗତି କରିଚାଲିଥାଏ। କୋଉଟା ଚିରସ୍ରୋତା ପୁଣି କୋଉଟା ଉଦ୍ଦଣ୍ଡି କନ୍ୟା ସଦୃଶ । ଚଳ ଚଞ୍ଚଳ ତପଳତା ଯାହାକି ପ୍ରାକୃତିକ ଓ ଭୌଗୋଳିକ ସ୍ଥିତି ମୁତାବକ ହୋଇଥାଏ । ନଈ ତାର ତୀରବାସୀ ଜନସମୁଦ୍ରକୁ ସମାକାରରେ ଉପକାର କି ଅପକାର କରିନଥାଏ କି ଦେଇନଥାଏ। ତା ଦ୍ୱାରା ସଂଗଠିତ ହେଉଥିବା ଚରାଚର ବିଶ୍ୱର ଯାହାବି ଘଟଣା ଦୁର୍ଘଟଣା ଅଘଟଣ ସମ୍ପର୍କେ ବିଚାରି ନଥାଏ, ବିଚାରିଲେ ବି କରିପାରିବ କଣ ଯେ କେତେକ ମନୁଷ୍ୟ ଭାବନ୍ତି କି ଜଗତରେ ସାଧୁସନ୍ଥ ମହାତ୍ମାମାନଙ୍କର ଜୀବନ ନଈ ସାଦୃଶ୍ୟ ହୋଇ ନଥାଇପାରେ କଣ ? ଏହା ବି ସମ୍ପୂର୍ଣ୍ଣ ରୂପେ ପ୍ରଣିଧାନ ଯୋଗ୍ୟ । ନା ସତ୍ୟ ସାଧାରଣ ଲୋକଙ୍କ ଭଳି ମଧ୍ୟ ସାଧୁ ମହାତ୍ମାମାନଙ୍କ ଜୀବନେ କେତେ ଯେ ଘାତ ପ୍ରତିଘାତ ଘଟଣା ଦୁର୍ଘଟଣା ପ୍ରତ୍ୟେକ୍ଷ କ୍ଷେତ୍ରରେ ଅନୁମେୟ । ବରଂ ଏଇୟା ଠିକ୍ ଯେ ସାଧାରଣ ବର୍ଗର ଲୋକଙ୍କର ଯାହାଟା ଅସହ୍ୟ ଅବୋଧ୍ୟ ଦୁରାଗମ୍ୟ ସେଇଟା ସନ୍ଥଙ୍କ ପକ୍ଷେ ସେମିତି ହୋଇ ନଥାଇପାରେ ? କାହିଁକି ନା ମହାତ୍ମାମାନେ ଧୀର ମନ୍ଥର ଗତିଶୀଳ କଇଁଛ ହୋଇଥାଇପାରନ୍ତି ମାତ୍ର ଦ୍ରୁତ ଗତିଶୀଳ ଠେକୁଆ କେବେ ବି ନୁହଁନ୍ତି । ଯୁଗାନୁଯାୟୀ ଧୀର ପାଣି ଆଉ ପଥର କାଟିବା ସମ୍ଭବ ହେଉନିତ ଏଣୁ ନଈ ପରି ଅବିଶ୍ରାନ୍ତ ଗତି ଯେଉଁମାନେ କରୁଛନ୍ତି ସେମାନେ ହିଁ ବହିଗଲା ପାଣି ତ ଫେରି ଆଉ ଉପରକୁ ଉଠେନା । ତେଣୁ ଦ୍ରୁତ ଗତିଶୀଳ ଠେକୁଆ ନୀତି ବି ଅବଲମ୍ବନ ନ କରିବା ଶ୍ରେୟା କାହିଁକି କି ସିଆଣିଆ ଚତୁର ହେତୁ ତ ସିଏ ବାବାଜି କି ସାଧ ମହାତ୍ମା ଏଣୁ ଲକ୍ଷ ସ୍ଥଳରେ ପହଞ୍ଚିବା ବ୍ରତ ନେଇ ବରଂ ପହଞ୍ଚୁ ନ ପହଞ୍ଚୁ କିନ୍ତୁ ନଈ ପରି ପଛକୁ ଫେରି ନ ଚାହିଁ ଗତି କରୁଛନ୍ତି ।

ଅତି ଦ୍ରୁତ ଗତି କିମ୍ବା ଅତି ମନ୍ଥର ଗତି ଏ ଦୁନିଆରେ କୌଣସି କ୍ଷେତ୍ରରେ ସମୁଚିତ ନୁହେଁ । ପଛ କଥା ଭାବି ଅଯଥା ଭାରାକ୍ରାନ୍ତ ହେବାଠୁଁ ନ ଭାବିବା ଶତେଗୁଣ ଭଲ । ଆଳସ୍ୟ ସର୍ବାଦୌ ବର୍ଜନୀୟ । ହିତକାରୀ ଅଁଳାକୁ ଚୋବେଇ ଚୁଷି ଖାଇ ଚାଲିଲେ ପ୍ରଥମେ ପ୍ରଥମେ କଷା ଆମ୍ବିଳା ଲାଗୁଥିବା ଅଁଳା ଶେଷ ସମୟେ ମନ ମୁଗ୍ଧକାରୀ ସୁସ୍ୱାଦୁ ମିଠା ହୋଇଥାଏ । ତେଣୁ କର୍ମ କ୍ଷେତ୍ରରେ ସେମିତି ଆଗ ଆଗ ଯେଉଁ କାମ ଦୁଃସାଧ ସେଇ କାମକୁ ମନୋନିବେଶ କରି କଲେ ସୁଫଳ ପ୍ରଦାନକାରୀ ହୋଇଥାଏ । ନଈର ବଢିପାଣି ଭଳି ମଣିଷର ପ୍ରତ୍ୟେକଟି କାମ ହେଲେ ଜୀବନ ସୁଚାରୁରୂପେ ଗତିକୁ ପ୍ରଗତି ପଥରେ ନେଇ ହେବ । ନିର୍ଦ୍ଦିଷ୍ଟ ସୂତ୍ରରେ ପ୍ରତ୍ୟେକଟି କାମ କରିବା ଉଚିତ କିନ୍ତୁ ପଛକଥାକୁ ଘାଣ୍ଟିଲେ ତାହା ନିଶ୍ଚୟ ହିଁ ଗନ୍ଧ କରିବ ଆଉ କିଛି ସୁଫଳ କୁଫଳ ଆଶାନୁରୂପ ଦେବ ନାହିଁ । ନଈ ସ୍ୱରୂପ ଜୀବନର କର୍ମ ସମ୍ବନ୍ଧେ ଯେଉଁମାନେ ବି ଉପଦେଶ ଆଦେଶ ପରାମର୍ଶ ଦିଅନ୍ତି, ସେମାନେ କି ନିଜ ଜୀବନରେ ଆଚରଣ କରନ୍ତି କି ? ଅଙ୍କା ବଙ୍କା ବୁଲାଣି ଦେଇ ନଈ ତ ବହି ଚାଲିଛି ନା ନାହିଁ ? ମଣିଷ ଜୀବନରେ ଯେ କୌଣସି ଘାତ ପ୍ରତିଘାତ କି ଘଟଣ ଅଘଟଣ ନଥିବ କିଏ ବା କହିବ ? ଲକ୍ଷ ସ୍ଥଳରେ ପହଞ୍ଚିବାକୁ ଉଦ୍ୟମ ପ୍ରଚେଷ୍ଟା ନାନା ରୂପେ ନାନା କିସମ ପ୍ରକାରରେ କରିବା ଜୀବନରେ ନଈ ସଦୃଶ୍ୟ ହେବା ବାଞ୍ଛନୀୟ । ସମୟ ତ ଗଡି ଚାଲିଛି ନା କାହାକୁ କେବେ ଅପେକ୍ଷା କରିଛି ? ତେଣୁ ସମୟ ହିଁ ମୂଲ୍ୟବାନ ଯିଏ ଠିକ୍ ରୂପେ ବିନିଯୋଗ କଲା ତ ସେ ତଦନୁରୂପ ଫଳ ପାଇ ଜୀବନକୁ ସୁରମ୍ୟ ସୁଗମ କରି ପାରୁଛି । ଦ୍ରୁତ ଗତି ମହାବିପତ୍ତି ଠିକ୍ ମାତ୍ର କର୍ମ ପଦ୍ଧତି ପ୍ରକ୍ରିୟାକୁଯାୟୀ କଲେ ତାହା କାହିଁକି ବା ଅଶୁଦ୍ଧ କି ବିପତ୍ତି ସୃଷ୍ଟିକାରୀ ହେବ ? ଠେକୁଆ ପରି ହେୟ କଇଁଛ ପରି ନିର୍ଦ୍ଦିଷ୍ଟ ପଦ୍ଧତି ପ୍ରକ୍ରିୟାରେ କଲେ କି କିଛି ଦୁର୍ବିପାକ ଅଘଟଣ କାହିଁକି ବା ଘଟିବ ? ପ୍ରତି କର୍ମ କ୍ଷେତ୍ରରେ ସୁରକ୍ଷାକୁ ପ୍ରାଥମିକତା ଦେଇ ସୁଚାରୁ ରୂପେ ସମ୍ପାଦନା କରିବା ମଣିଷ ପଣିଆର ଶ୍ରେଷ୍ଠ ପରିଚାୟକ । ପ୍ରାକୃତିକକୁ ଅପ୍ରାକୃତିକ ମନ ମାନି ନୀତିରେ କଲେ କ'ଣ ହେବ ?ସମାନୁୟକ୍ରମେ ବହିଯାଉଥିବା ନଈ ନିଜର ରୂପ ରଙ୍ଗ ବର୍ଣ୍ଣ ନାମ ପରିବର୍ତ୍ତନ କଲାଭଳି ଓ ଏ ଦୁନିଆର ମଣିଷ କରିବାକୁ ବାଧ । ନଈ ଯେମିତି ଦେଶକାଳ ପାତ୍ର ସ୍ଥିତି ପରିସ୍ଥିତି ମୁତାବକ ଜୀବ ଜଗତର ହିତ ସାଧନ କରେ ଏ ମଣିଷ ସାଧୁ ସଙ୍ଗଲାଭ ଫଳରେ ସଂସାର ମଙ୍ଗଳ ବିଧାନ କରିବ ନଚେତ ଯୁଗାନୁଯାୟୀ ଆଣ୍ଡ୍ରୋଡଫୋନ୍ ମାୟାରେ ମୋହିତ ହେଲେ ଫଳ ଯାହା ହେବ ? ଦ୍ରୁତଗତି ମହାବିପତ୍ତି ଆଣି ଦେଇପାରେ ଯେ ମାଦକତାରେ ମୋହିତ ନହେଲେ କାର କଣ ଦୁର୍ଗତି ଯୁଗେ ଯୁଗେ କିଛି ନଜିର ତ ନାହିଁ । ଗତିକୁ ପ୍ରଗତିରେ ପରିଣତ ନକରି ଦ୍ରୁତ ଗତିରେ ପରିଣତ କଲେ ବିଚାର ବିବେଚନା ହୋଇନଥାଏ । ଠେକୁଆର ମନୋବୃତ୍ତି ତ୍ୟାଗ କରି କଇଁଛର ମନୋବୃତ୍ତି ଗ୍ରହଣ କଲେ କ୍ଷତି ବା କ'ଣ ? ସଂସାର ଜଞ୍ଜାଳରେ ଉବୁଟୁବୁ ହେଉଥିବା ମଣିଷ ଯିଏ ପ୍ରକୃତ ମଣିଷ ପଦବାଚ୍ୟ ସମ୍ପତ୍ତି ବଢାଇବା ପାଇଁ ନିର୍ଦ୍ଦିଷ୍ଟ ମାପକାଠିରେ ମାପି ହୋଇ ବୁଦ୍ଧି ବିବେକକୁ ଆଗୁସାର କରି ଜଡ ନଈକୁ ଗୁରୁଜ୍ଞାନ ପୂର୍ବକ ସକଳ କର୍ମ ଅକର୍ମ ଅପକର୍ମ କି ସୁକର୍ମ ସମ୍ପାଦନା କରିବା ଠିକ୍ କି ନାହିଁ ? ସଫଳତା ବିଫଳତାରେ ଏତେ ବେଶି ମ୍ରିୟମାଣ ହୁଅନି କି ହେୟ ମନଭାବ ନେଇ ଡିଜିଟାଲ ଯୁଗର ଆଣ୍ଡ୍ରୋଏଡ ଫୋନର ବଶବର୍ତ୍ତୀ ବି ହୁଅନି ବରଂ ବଦଳିବା ଧାରା ଉପଧାରା ପଦ୍ଧତି ପ୍ରକ୍ରିୟାରେ ସମର୍ପଣ ଭାବ ନେଇ ଗତିକୁ ପ୍ରଗତି ଦିଗରେ ଉପଯୋଗ କର ଫଳରେ ସରକାରଙ୍କ ଦ୍ୱାରା ପ୍ରଦତ୍ତ ମାଗଣା ଖିଆରୁ ତ ବର୍ତ୍ତିଯିବ । ନିଜସ୍ୱ ମନନାନୀତ ବୁଦ୍ଧି ବିଚାରାନୁଯାୟୀ ଠିକ୍ ନଈପରି ଅପରିଶ୍ରାନ୍ତ ଜୀବନର ଗତି ହେଉ ।

ବରମୁଣ୍ଡା, ଭୁବନେଶ୍ୱର

# ଦୁର୍ନୀତି ମୁକ୍ତ ଭାରତର ସଂକଳ୍ପ



ଅଧ୍ୟାପକ ଗୋପବନ୍ଧୁ

ଭାରତୀୟ ରାଜନୀତିରେ ଆମେ ଅନେକ କିଛିକୁ ମୁକ୍ତ କରିବା କଥା ଶୁଣୁ । ଯେମିତି ବିଜେପି ଡାକରା ଦିଏ କଂଗ୍ରେସ ମୁକ୍ତ ଭାରତ, ବିରୋଧି ଦଳମାନେ ଡାକରା ଦିଅନ୍ତି ବିଜେପି ମୁକ୍ତ ଭାରତ, ପୁଣି କେତେବେଳେ ଗରୀବି ମୁକ୍ତ ଭାରତର ଡାକରା ଦିଅନ୍ତି ତ କେତେବେଳେ ବେକାରୀ ମୁକ୍ତ ଭାରତ କଥା କୁହନ୍ତି । ଏହା ସହିତ ବିଦ୍ୟୁତ୍ ଦେୟ ମୁକ୍ତ, ପାଣି ଦେୟ ମୁକ୍ତ ପରି କଥା ମଧ୍ୟ ଆସେ । ବିଭିନ୍ନ ରାଜ୍ୟରେ ବିଭିନ୍ନ ଦଳରୁ ମୁକ୍ତି ପାଇବା କଥାବି ଆସେ । ହେଲେ ଭ୍ରଷ୍ଟାଚାରରୁ ମୁକ୍ତି ପାଇବା କଥା ରାଜନୈତିକ ଦଳମାନଙ୍କ ପକ୍ଷରୁ ଶୁଣିବାକୁ ମିଳେନାହିଁ । ଏହାକୁ ମୁଖ୍ୟ ବିନ୍ଦୁଭାବେ ଗ୍ରହଣ କରିବା କଥା ଶୁଣା ଯାଏ ନାହିଁ । ରାଜନୈତିକ ଦଳମାନେ ଆନ୍ଦୋଳନ ଓ ସାଧାରଣ ଲୋକଙ୍କ ଚାପରେ ପଡି ଯଦିଓ ଏହାକୁ ନିଜ ଇସ୍ତାହାରର ଅନ୍ତର୍ଗତ କରିଥାନ୍ତି, କିନ୍ତୁ ଏହାକୁ ଏତେ ଗୁରୁତ୍ୱର ସହିତ ନିଅନ୍ତି ନାହିଁ । ଉପରେ ଭ୍ରଷ୍ଟାଚାର ହଟାଇବା କଥା ଜୋରରେ କହନ୍ତି, କାମ ବେଳକୁ ଉପାଦେୟ ପଦକ୍ଷେପ ନିଅନ୍ତି ନାହିଁ । ଭ୍ରଷ୍ଟାଚାରର ପରିଭାଷା ଭିନ୍ନଭିନ୍ନ ପ୍ରକାରର । ବ୍ୟାପକ ଅର୍ଥରେ ଦୁର୍ନୀତି, ଅନୀତି, ଅନିୟମିତତା, ଅସାଧୁତା, ଅବ୍ୟବସ୍ଥା ଇତ୍ୟାଦିକୁ ଏହି ଅର୍ଥରେ ନିଆଯାଏ । ତେବେ ସଂକୀର୍ଣ୍ଣ ଅର୍ଥରେ ସାଧାରଣ ଜନତା ଏହାକୁ ଉକେ଼୍ାଚ ନେବା ଓ ଦେବା ଅର୍ଥରେ ଗ୍ରହଣ କରନ୍ତି । କାରଣ ପ୍ରତ୍ୟକ୍ଷଭାବେ ସେମାନେ ଘୋଷଖୋରୀ କାରବାରର ଶୀକାର ହୁଅନ୍ତି । କୌଣସି ସରକାରୀ ଦପ୍ତରକୁ ଗଲେ ସେଠାରେ କିଛି ଉକେ଼୍ାଚ ନଦେଲେ କିଛି କାମ ହେବନାହିଁ ବୋଲି ତାଙ୍କ ବିଶ୍ୱାସ । ଏପ୍ରକାର ବିଶ୍ୱାସ ଅକସ୍ମାତ୍ ନୁହେଁ । ଏହା ସମାଜର ସାଧାରଣ ଅଭିଜ୍ଞତାରୁ ପ୍ରାପ୍ତ । ଏହା ପଛରେ ସତ୍ୟତା ମଧ୍ୟ ରହିଛି । ଏବେବି ଭ୍ରଷ୍ଟାଚାର ଜନିତ ଅନେକ ସମ୍ବାଦ ଖବର କାଗଜର ପୃଷ୍ଠା ମଣ୍ଡନ କରୁଛି । ଜନ୍ମ ପ୍ରମାଣ ପତ୍ରପାଇଁ ଉକେ଼୍ାଚ, ମୃତ୍ୟୁ ପ୍ରମାଣପତ୍ର ପାଇଁ ଉକେ଼୍ାଚ, ଚାକିରୀ ପାଇଁ ଉକେ଼୍ାଚ, ବିଭିନ୍ନ କାମପାଇଁ ଉକେ଼୍ାଚ, ବିଭିନ୍ନ ଅଫିସରେ ଉକେ଼୍ାଚ, ଏହିପରି ଅନେକ ଉକେ଼୍ାଚ ନେବାର ସମ୍ବାଦ ପ୍ରକାଶ ପାଉଛି । କୌଣସି କାମପାଇଁ ଫାଇଲ ବିନା ଉକେ଼୍ାଚରେ ଆଗକୁ ଯିବନାହିଁ । ଉକେ଼୍ାଚ ସମ୍ବନ୍ଧୀୟ ଯେଉଁ କେତୋଟି ଖବର ସମ୍ମୁଖକୁ ଆସୁଛି ତାହା ପୋଖରୀ ପାଣିରୁ ଆଞ୍ଜୁଳାଏ ମାତ୍ର । ପରଦା ତଳେ ଅସଂଖ୍ୟ ଘଟଣା ଲୁଚି ଯାଉଛି ।ଦେଶରେ ଯେତେସବୁ ବିକାଶମୂଳକ କାର୍ଯ୍ୟ ହେଉଛି, ସେ ଗୁଡିକରେ ମଧ୍ୟ ଦୁର୍ନୀତିର ଅଭିଯୋଗ କିଛି କମ ନୁହେଁ । ରାସ୍ତା କାମରେ ଦୁର୍ନୀତି, ପୋଲ ତିଆରିରେ ଦୁର୍ନୀତି, କୋଠା ତିଆରିରେ ଦୁର୍ନୀତି, ନିର୍ମାଣ କାର୍ଯ୍ୟରେ ନିମ୍ନମାନ ଉପକରଣର ବ୍ୟବହାର, ଟେଣ୍ଡରରେ ଦୁର୍ନୀତି, ସରକାରୀ କିଣା ବିକାରେ ଦୁର୍ନୀତି, ଏପରି ଦୁର୍ନୀତି ଅଭିଯୋଗର ଲମ୍ବା ଧାଡ଼ି ରହିଛି । ସରକାରଙ୍କ ତରଫରୁ ଜନସାଧାରଣଙ୍କୁ ସେବା ପ୍ରଦାନ କ୍ଷେତ୍ରରେ ଅନେକ ଅନିୟମିତତାର ଅଭିଯୋଗ ଆସେ । କର୍ମଚାରୀମାନେ ଠିକ୍ ସମୟରେ କାର୍ଯ୍ୟାଳୟକୁ ନଆସିବା, କାମ ନକରି ଲୋକଙ୍କୁ ବାରମ୍ବାର ଫେରାଇବା, ହିତାଧିକାରୀ ତାଲିକାରେ ହେରଫେର କରିବା, ଖାତାପେନରେ ଦର୍ଶାଇ କାମ ନକରି ବିଲ ଉଠାଇନେବା, ହାତଗୁଞ୍ଜା ନଦେଲେ କାମ ନକରିବା, ସମସ୍ତ ପ୍ରକାର ଜାଲିଆତି, ପରୀକ୍ଷାରେ କପି କରିବା ଓ କରାଇବା, ଫାଇଲକୁ ମାସ ମାସଧରି କେତେକ କ୍ଷେତ୍ରରେ ବର୍ଷ ବର୍ଷଧରି ପକାଇ ରଖିବା ଅଭିଯୋଗ କାହାକୁ ଅଛପା ନାହିଁ । ଶାସନ ଓ ପ୍ରଶାସନିକ ସ୍ତରରେ ଜାଣିଶୁଣି ଭୁଲ ସିଦ୍ଧାନ୍ତ ନେବା ମଧ୍ୟ ଏକ ପ୍ରକାରର ଭ୍ରଷ୍ଟାଚାର ଅଟେ । ପୁଞ୍ଜିପତିଙ୍କୁ ସୁହାଇଲା ଭଳି ଓ ସାଧାରଣ ଜନତାଙ୍କୁ ଶୋଷଣ କଲାଭଳି ନିୟମ ପାରିତ କରିବା, ନିୟମର ଗୋଳା ବାଟଦେଇ କାହାକୁ ଅଯଥା ଅନୁଗ୍ରହ ଦେଖାଇବା, ଲୋକମାନଙ୍କୁ ମିଛରେ ଭ୍ରମିତ କରିବା ଇତ୍ୟାଦି ଏହାର ଅନ୍ତର୍ଗତ ଅଟେ । ସମ୍ବିଧାନ ଅନୁସାରେ ଆମ ଶାସନ ଚାଲେ । ଆବଶ୍ୟକ ସ୍ଥଳେ ଏହାର ସଂଶୋଧନ ପାଇଁ ବ୍ୟବସ୍ଥା ରହିଛି । ସମ୍ବିଧାନର ଅବମାନନା ହେଉଛି ସବୁଠାରୁ ବଡ ଭ୍ରଷ୍ଟାଚାର । ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସମ୍ମାନ ନଦେବା ଏକ ପ୍ରକାରର ଭ୍ରଷ୍ଟାଚାର ।ଭ୍ରଷ୍ଟାଚାର ଭାରତବର୍ଷର ଏକ ପ୍ରମୂଖ ସମସ୍ୟା । ଏହାକୁ ହଟାଇବା ପାଇଁ ରାଜନୈତିକ ଦଳମାନଙ୍କ ନିକଟରେ ବିଧିବଦ୍ଧ ଯୋଜନା ଓ ଆନ୍ତରୀକତା ଥିବାପରି ମନେହୁଏ ନାହିଁ । ଭ୍ରଷ୍ଟାଚାର ଯୋଗୁଁ ସାଧାରଣ ଜନତା ଅସ୍ତବ୍ୟସ୍ତ । ସାଧାରଣ ଜନତା ଏବେ ନିରୁପାୟ । ଭ୍ରଷ୍ଟାଚାର ବିରୋଧରେ ତାଙ୍କର ଦୃଢ଼ ସମର୍ଥନ ରହିଛି । ତେଣୁ ଯେତେବେଳେବି ଭ୍ରଷ୍ଟାଚାର ବିରୋଧରେ ଆନ୍ଦୋଳନ ଆରମ୍ଭ ହୋଇଛି । ଲୋକମାନେ ସ୍ୱତଃପ୍ରବୃତ୍ତ ଭାବରେ ଯୋଗ ଦେଇଛନ୍ତି । ଏହା ସହିତ ରାଜନୈତିକ ପରିବର୍ତ୍ତନକୁ ମଧ୍ୟ ଖୋଲା ହୃଦୟରେ ସମର୍ଥନ କରିଛନ୍ତି । ଭ୍ରଷ୍ଟାଚାର ବିରୁଦ୍ଧରେ ୧୯୭୫ ମସିହାରେ ଆରମ୍ଭ ହୋଇଥିବା ଲୋକନାୟକ ଜୟପ୍ରକାଶ(ଜେପି) ଆନ୍ଦୋଳନ ଅଭୂତପୂର୍ବ ଥିଲା । ପରବର୍ତ୍ତୀ ସମୟରେ ଏହା ସମ୍ପୂର୍ଣ୍ଣ କ୍ରାନ୍ତିକୁ ରୂପାନ୍ତରିତ ହୋଇଥିଲା । ଏହାର ଆଧାରରେ ସେ ସମୟରେ ଯେଉଁ ରାଜନୈତିକ ଦଳ ଗଠିତ ହୋଇଥିଲା ତାହାକୁ ପୂର୍ଣ୍ଣ ସମର୍ଥନ ମିଳିଥିଲା । ଯେଉଁ ଦଳର ନାମଥିଲା ଜନତା ପାର୍ଟି ଏବଂ ଏ ପାର୍ଟି ୧୯୭୭ ମସିହାରେ ପୂର୍ଣ୍ଣ ବହୁମତ ସହିତ କେନ୍ଦ୍ରରେ କ୍ଷମତାସୀନ ହୋଇଥିଲା । ସେହିପରି ଶ୍ରୀ ଭି ପି ସିଂ ବୋଫର୍ସ ଦୁର୍ନୀତି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ ଓ ୧୯୮୯ ମସିହାରେ ଜନତା ଦଳ ଗଠନକରି କେନ୍ଦ୍ର କ୍ଷମତାକୁ ଆସିଥିଲେ । ଚଳିତ ଶତାବ୍ଦୀର ଦ୍ୱିତୀୟ ଦଶକରେ ଆନ୍ନା ହଜାରେଙ୍କ ଭ୍ରଷ୍ଟାଚାର ବିରୋଧୀ ଆନ୍ଦୋଳନକୁ ନାହିଁ ନଥିବା ଜନ ସମର୍ଥନ ମିଳିଥିଲା । ଫଳରେ ତତକାଳୀନ କେନ୍ଦ୍ର କ୍ଷମତାସୀନ ୟୁପିଏ ସରକାର ୨୦୧୪ ସାଧାରଣ ନିର୍ବାଚନରେ ପରାଜିତ ହେଲା । ଏହା ସମ୍ଭବ ହେଲା ଲୋକଙ୍କ ମଧ୍ୟରେ ଭ୍ରଷ୍ଟାଚାର ବିରୋଧୀ ଜାଗରଣ ଯୋଗୁଁ ।ଭ୍ରଷ୍ଟାଚାର କେବଳ ଏକ ପ୍ରମୁଖ ସମସ୍ୟା ନୁହେଁ, ଏହା ଏକ ମୁଖ୍ୟ ରାଜନୈତିକ ଇସ୍ୟୁ ମଧ୍ୟ । ଏହାକୁ ମୁଖ୍ୟ ରାଜନୈତିକ ପ୍ରସଙ୍ଗରୂପେ ଗ୍ରହଣକରି ଯେଉଁ ରାଜନୈତିକ ଦଳ ନିର୍ବାଚନକୁ ଓହ୍ଲାଇବ ସେ ସଫଳତା ପାଇବାର ଯଥେଷ୍ଟ ସମ୍ଭାବନା ରହିଛି, ଯାହା ଅତୀତରେ ହୋଇଛି। ଭ୍ରଷ୍ଟାଚାର ବିକାଶର ପରିପନ୍ଥୀ । ଏହା ଜନସାଧାରଣଙ୍କ ଦୁଃଖ ଓ ଦୁର୍ଗତିର କାରଣ । ଯେଉଁମାନେ ଭ୍ରଷ୍ଟାଚାରୀ ସେମାନେ ଚାହିଁବେ ନାହିଁ ଏହା ହଟୁବୋଲି । ଦୁଃଖର କଥା କିଛି ରାଜନୈତିକ ଦଳ ଭ୍ରଷ୍ଟାଚାରର ଦୃଢ଼ ସମର୍ଥକ । ଉପରେ ଭ୍ରଷ୍ଟାଚାର ବିରୋଧୀ ଭାବମୂର୍ତ୍ତି, କିନ୍ତୁ ଭିତରେ ଭିତରେ ଦେଶକୁ ଖୋଳ କରିସାରିଲେଣୀ । ରାଜନୀତିରେ ଭ୍ରଷ୍ଟାଚାରୀ ନେତାଙ୍କ ଭିଡ଼ ଜମୁଛି । ଗୋଟିଏ ଦଳର ଭ୍ରଷ୍ଟାଚାରୀ ନେତାଙ୍କୁ ଅନ୍ୟ ଦଳ ଖୁସିରେ ଗ୍ରହଣ କରିନେଇଛି । ଜଣେ ଭ୍ରଷ୍ଟାଚାରୀ ନେତା ଯାହା ବିରୁଦ୍ଧରେ ଅଭିଯୋଗର ଫର୍ଦ୍ଦ ରହିଛି ଓ ସେ ତଦନ୍ତର ପରିସରଭୁକ୍ତ ରହିଛି, ସେ ଯେତେବେଳେ ଶାସକ ଦଳକୁ ଚାଲିଯାଉଛି, ସେ ଗୋଟାପଣେ ସଚ୍ଚୋଟ ହୋଇଯାଉଛି । ତା ବିରୁଦ୍ଧରେ ଥିବା ସମସ୍ତ ଅଭିଯୋଗ ବାଏଁ ବାଏଁ ଉଡ଼ିଯାଉଛି, ସମସ୍ତ ତଦନ୍ତ ବନ୍ଦ ହୋଇଯାଉଛି । ରାଜନୀତି ଆଉ ସ୍ୱଚ୍ଛୋଟ ଲୋକଙ୍କ ପାଇଁ ନୁହେଁ । ଏଥିରେ ଭ୍ରଷ୍ଟାଚାରୀଙ୍କ ଭିଡ଼ ଜମୁଛି । ସବୁଠାରୁ ଅଧିକ ବିପଦଜନକ ବିଷୟ ହେଉଛି ଦେଶର ରାଜନୈତିକ ବ୍ୟବସ୍ଥା କ୍ରମେ ଦୁର୍ନୀତିଗ୍ରସ୍ତ ହୋଇଯାଉଛି । ଉପରେ ଭ୍ରଷ୍ଟାଚାର ଦମନର ସଲ୍‌ହାକୁସ୍ତି ହେଉଛି, କିନ୍ତୁ ଭିତରେ ବୁଝାମଣାରେ ସବୁ ଚାଲିଛି । ଏପରି ପରିସ୍ଥିତିରେ ସାଧାରଣ ଜନତାଙ୍କୁ ଜାଗିବାକୁ ପଡିବ । ଯେ କୌଣସି ସରକାରକୁ ବାଧ କରିବାକୁ ପଡିବ ଭ୍ରଷ୍ଟାଚାର ହଟାଇବା ପାଇଁ ଓ ଫଳପ୍ରଦ ପଦକ୍ଷେପ ନେବାକୁ । ଏହା ନହେଲେ ତାଙ୍କୁ ପରାଜୟର ଦ୍ୱାର ଦେଖାଇବାକୁ ପଡିବ । ରାଜନୈତିକ ଦଳମାନଙ୍କୁ ମଧ୍ୟ ନିଜର ଆଭିମୁଖ୍ୟ ବଦଳାଇବାକୁ ପଡିବ । ରାଜନୈତିକ ଦଳମାନେ ଭ୍ରଷ୍ଟାଚାର ଅଭିଯୁକ୍ତଙ୍କୁ ବିଦା କରିବା ଓ ଏପରି ବ୍ୟକ୍ତିଙ୍କୁ ଦଳ ମଧ୍ୟରେ ପୁରାଇ ନଦେବା ପରି ପଦକ୍ଷେପ ନେବାକୁ ହେବ । 'ଭ୍ରଷ୍ଟାଚାର ମୁକ୍ତ ଭାରତ'କୁ ମୁଖ୍ୟ ସ୍ଲୋଗାନଭାବେ ଗ୍ରହଣକରି ଆନ୍ତରିକତା ପ୍ରଦର୍ଶନ କଲେ ନିଶ୍ଚୟ ସଫଳତା ମିଳିବ । ଭ୍ରଷ୍ଟାଚାର ମୁକ୍ତ ଭାରତ ପାଇଁ ସାମଗ୍ରୀକ ରାଜନୈତିକ ଉଦ୍ୟମ ଲୋଡ଼ା । ଏପରି ସଂକଳ୍ପ ଅନେକ ପରିବର୍ତ୍ତନ ଆଣିବ ।

ଅବସରପ୍ରାପ୍ତ, ଦର୍ଶନ ବିଭାଗ
ବାରିପଦା, ମୟୂରଭଞ୍ଜ, ମୋ. ୭୦୦୮୯୭୬୧୮୦

### ଅଜ୍ଞାତ ଅଜ୍ଞେୟ ଶ୍ରୀ ଜଗନ୍ନାଥ

# ଏକଦା ଦଳା ଚକଟାରେ ଟଳି ପଡ଼ିଥିଲେ ୧୫୦ ଭକ୍ତ

କବୀର କୁମାର ଜେନା

ମହାପ୍ରଭୁଙ୍କ ଘୋଷଯାତ୍ରା ଦିନଥିଲା ଆଜି ପରି ବ୍ୟବସ୍ଥିତ ନଥିଲା ଏବଂ ପର୍ଯ୍ୟାପ୍ତ ସୁବିଧା ସୁଯୋଗ ମଧ୍ୟ ନଥିଲା। ଭଲ ରାସ୍ତା ତ ନଥିଲା ଲକ୍ଷ ଲକ୍ଷ ଲୋକଙ୍କୁ ଆଶ୍ରୟ ଦେଲା ପୁରୀ ସହର ମଧ୍ୟ ପ୍ରସ୍ତୁତ ନଥିଲା। ରଥଯାତ୍ରା ପାଇଁ ସହଜେ ଲୋକମାନଙ୍କର ଆନନ୍ଦ ଜଡ଼ିତ ଥିବାରୁ ଏହି ସମୟରେ ପୁରୀ ଲୋକାରଣ୍ୟ ହୋଇଯାଏ କିନ୍ତୁ ସେ ସମୟରେ ପ୍ରଶାସନ ଏତେ ବଡ଼ ଯାତ୍ରାକୁ ସମ୍ଭାଳିବା ପାଇଁ ଯାହା ସବୁ ପ୍ରସ୍ତୁତି କରୁଥିଲେ ମଧ୍ୟ ତାହା ଯଥେଷ୍ଟ ହେଉ ନଥିଲା। ସମୟର ଚକ୍ରରେ ରଥଯାତ୍ରା ଧୀରେ ଧୀରେ ବ୍ୟବସ୍ଥିତ ହୋଇଛି। ରଥ ଟାଣୁ ବା ନଟାଣନ୍ତୁ କିନ୍ତୁ ରଥ ଦଉଡ଼ି ଛୁଇଁବାକୁ ପ୍ରତିଟି ଭକତ ଉତ୍ସୁକ ଥାଆନ୍ତି। ଲକ୍ଷ ଲକ୍ଷ ଭକ୍ତଙ୍କ ଭିଡ଼କୁ ଏଡ଼ାଇ ଭକ୍ତମାନେ ରଥ ଦଉଡି ଛୁଅନ୍ତି ଓ ଟାଣନ୍ତି। ଅତୀତରେ ମଧ୍ୟ ସେଇ ଭାବ ଥିଲା, ଭକ୍ତ ସମୁଦାୟଙ୍କୁ ନିୟନ୍ତ୍ରଣ କରିବା ସହଜ ନଥିଲା। ୧୮୦୯ ମସିହାରେ ମନ୍ଦିର ସାମ୍ନାରେ ପ୍ରବଳ ଭକ୍ତ ସମାଗମ ହୋଇଥିଲା । ଆବାଳ ବୃଦ୍ଧ ବନିତା ମହାପ୍ରଭୁଙ୍କ ରଥଯାତ୍ରାରେ ସାମିଲ ହୋଇ ମହାପ୍ରଭୁଙ୍କ ସାନ୍ନିଧ ନେବାକୁ ଅପଲକ ନୟନରେ ଚାହି ବସିଥିଲେ। ମାତ୍ର ଭକ୍ତମାନେ ମନ୍ଦିର ଫାଟକ ଆଡ଼କୁ ଅଗ୍ରସର ହେବାରୁ ଦଳାଚକଟା ପରିସ୍ଥିତି ଉପୁଜିଲା। ଦଳଚକଟାରେ ପ୍ରାୟ ୧୫୦ ଭକ୍ତଙ୍କର ମୃତ୍ୟୁ ଘଟିଥିଲା। ରେଭରେଣ୍ଡ ସ୍ମିଥ ଓ ରେଭରେଣ୍ଡ ଗ୍ରୀନଙ୍କ 'ପିରିଅଡ଼ିକାଲ ଏକାଉଣ୍ଟ ଅଫ ଦିବାପଟିଷ୍ଟ ମିସନ' ୧୮୦୯ରେ ସେହି ବର୍ଷ ରଥଯାତ୍ରାର ଏଭଳିଦୟନୀୟ ସ୍ଥିତି ସମ୍ପର୍କରେ ବର୍ଣ୍ଣନା ରହିଛି। ଦଳଚକଟଣରେ ଏତେ ସଂଖ୍ୟକ ଭକ୍ତଙ୍କ ମୃତ୍ୟୁ ଆଗରୁ କେବେ ଦେଖିବାକୁ ମିଳିନଥିଲା। ସେହିଭଳି ୧୮୫୫ ମସିସହାରେ ଟଣା ଦିନ ଘଟିଥିଲା। ଆଉ ଏକ ଅଘଟଣ। ତତ୍କାଳୀନ ପୁରୀ ମାଜିଷ୍ଟ୍ରେଟଙ୍କ ଠାରୁ କମିସନରଙ୍କୁ ପଠାଯାଇଥିବା ବିବରଣୀ ମୁତାବକ ପ୍ରାୟ ୭୫୦୦ରୁ ୩ ହଜାର ଭକ୍ତ ରଥ ଟାଣୁଥିବା ଲୋକ ସୀମିତ ଭକ୍ତଙ୍କ ମଧ୍ୟରେ ବି ଅଭାବନୀୟ ଘଟଣା ଘଟିଯାଇଥିଲା। ବଡ଼ଦାଣ୍ଡ ରେ ରଥଟଣା ଚାଲିଥିବାବେଳେ ଭିଡ଼ ଭିତରେ ଠେଲାପେଲାରେ ପ୍ରାୟ ୫୦ ଜଣ ଭକ୍ତ ତଳେ ପଡ଼ିଯାଇଥିଲେ। ସେମାନଙ୍କୁ ଉଦ୍ଧାର କରିବା ପାଇଁ ଉଦ୍ୟମ ହୋଇଥିଲା ମାତ୍ର ଭକ୍ତମାନଙ୍କୁ ଉଦ୍ଧାର କରିବା ମଧ୍ୟରେ ୫ଜଣଙ୍କ ଉପରେ ରଥ ମାଡ଼ି ଯାଇଥିଲେ। ୩ଜଣଙ୍କର ସେଇ ରଥ ଚକ ତଳେ ହିଁ ଚାଲି ଯାଇଥିଲା। ୩ ଜଣଙ୍କ ସେଇ ରଥ ତଳେ ହିଁ ପ୍ରାଣ ଚାଲିଯାଇଥିଲା। ଅନ୍ୟ ଦୁଇ ଜଣଙ୍କର ଗୁରୁତର ଆହତ ହୋଇଥିଲେ। ଏହି ଦୁର୍ଘଟଣାରୁ ଭକ୍ତଙ୍କୁ ରକ୍ଷା କରିବା ଲାଗି ଜଣେ ଦାରୋଗାଙ୍କ ଅଧୀନରେ ଏକ ପୁଲିସ ବାହିନୀ ଓ ରାଜାଙ୍କ ପକ୍ଷରୁ କେତେ ମାନ୍ୟଗଣ୍ୟ ଲୋକେ ରଥ ଚାରିପଟେ ଘେରି ରହିଥିଲେ। କିନ୍ତୁ ଭକ୍ତଙ୍କ ଭିଡ଼ ଏତେ ଅଧିକ ଥିଲା ଯେ ଭାଗ୍ୟହୀନ ରଥକୁ ଅଟକାଇବା ସମ୍ଭବ ପର ହୋଇନଥିଲା। ଏକକାଳୀନ ବହୁ ଲୋକ ସାମଗମ ହୋଇରହିଥିଲେ। ଯେବେ ରଥ ଟାଣିବା ପାଇଁ କିଛି ଭକ୍ତ ଭିଡ଼ କାଟି ଆଗେଇ ଯାଉଥିଲେ ସୋମନେ ତଳି ପଡ଼ି ଯାଇଥିଲେ। ସେମାନଙ୍କ ପଛରେ ଆସୁଥିବାଭକ୍ତ ମାନେ ମଧ୍ୟ ଲଦି ହୋଇଯାଇଥିଲେ। ଏଣେ ରଥ ଗଡୁଥିବାରୁ ରଥକୁ ତତକ୍ଷଣାତ ଅଟକାଇବା ସମ୍ଭବପର ହୋଇନଥିଲା। ରଥ ଭକ୍ତଙ୍କ ଉପରେ ମାଡ଼ିଯିବାରୁ ମୃତ୍ୟୁ ଅନିବାର୍ଯ୍ୟ ଥିଲା। ସେ ଦିନ ପୁଲିସ ସଂଖ୍ୟା ମଧ୍ୟ ଯଥେଷ୍ଟ ନଥିଲା। ତେବେ ସେ ସମୟରେ ପୁଲିସମାନଙ୍କ ତରଫରୁ କୌଣସି ପ୍ରକାର ଚେଷ୍ଟାର ତ୍ରୁଟି ନଥିଲାବୋଲି ମାଜିଷ୍ଟ୍ରେଟ କମିସିନରଙ୍କୁ ପଠାଇଥିବା ବିବରଣୀରେ ଉଲ୍ଲେଖ ରହିଛି। ଗତ କିଛି ବର୍ଷ ହେବ ରଥଯାତ୍ରାରେ ଭକ୍ତଙ୍କ ସଂଖ୍ୟା ବୃଦ୍ଧି ପାଉି, କିନ୍ତୁ ଭିଡ଼ ନିୟନ୍ତ୍ରଣରେ ସଫଳତା ଯୋଗୁ ଭକ୍ତମାନେ ଆହତ ହୋଇଛନ୍ତି ସିନା ପ୍ରାଣ ଯାଇନାହିଁ। ରଥଯାତ୍ରା ସମ୍ବନ୍ଧୀୟ ଅନେକ କଥା, କାହାଣୀ, କିଛିଟା ଗବେଷକଙ୍କ ତଥ୍ୟରେ ଉଲ୍ଲେଖ ରହିଥିବାବେଳେ 'ମାଦଳା ପାଞ୍ଜି' ଓ 'ଶ୍ରୀମନ୍ଦିର'ରେ ସବୁ ଉଲ୍ଲେଖ ରହିଛି। ଏଯାବତ୍ ମହାପ୍ରଭୁ ମହାପ୍ରଭୁଙ୍କ ସଂସ୍କୃତି, ଲୀଳା, ଶ୍ରୀକ୍ଷେତ୍ର ଉପରେ ଅନେକ ଅନାଲୋଚିତ ତଥ୍ୟ ସବୁ ଅପେକ୍ଷା କରିଛି ଏହାର ପ୍ରକାଶ ପାଇଁ।

ଅଣିକଣା, ବରୀ, ଯାଜପୁର,
ଦୂରଭାଷ : ୮୯୧୭୩୭୭୯୮୭
E-mail : kabirkjena@gmail.com

# କାଗଜ କଲମରେ ରାସ୍ତା ପ୍ରକଳ୍ପ

- ଲୋକେ ହନ୍ତସନ୍ତ ଶୁଣିଲାନି ପ୍ରଶାସନ
- ନିଜେ ମରାମତି କଲେ ଫକୀରମୋହନ ନଗରବାସୀ

**ବାଲେଶ୍ୱର,୧୦।୬ :** ସହର ସହିତ ଲାଗି ରହିଥିବା ରେମୁଣା ବ୍ଲକ ଅନ୍ତର୍ଗତ କରଞ୍ଜିଆ ପଞ୍ଚାୟତର ଫକୀରମୋହନ ନଗର ଆଜି ବି ଉନ୍ନୟନରୁ ବଞ୍ଚିତ ରହିଛି। ବାରମ୍ବାର ଅଭିଯୋଗ ଓ ଦାବି ସତ୍ତ୍ୱେ ରାସ୍ତା ସମସ୍ୟାର ସମାଧାନ ନ ହେବାରୁ ଶେଷରେ ଅଞ୍ଚଳବାସୀ ନିଜେ କୋଦାଳ ଓ ଟୋକେଇ ଧରି ରାସ୍ତା ମରାମତି କରିବାକୁ ବାଧ ହୋଇଛନ୍ତି।ଫକୀରମୋହନ ନଗରରେ ପ୍ରାୟ ୧୬ ଶହରୁ ଅଧିକ ପରିବାର ବସବାସ କରୁଥିବା ବେଳେ ପ୍ରତିଦିନ ହଜାର ହଜାର ଲୋକ ଏହି ଅଞ୍ଚଳର ବିଭିନ୍ନ ରାସ୍ତା ଦେଇ ଯାତାୟାତ କରିଥାନ୍ତି। ହେଲେ ମୁଖ୍ୟ ରାସ୍ତା ସମେତ ବିଭିନ୍ନ କଲୋନୀ ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ବର୍ଷା ଦିନେ କାଦୁଅ ଓ ପାଣିରେ ରାସ୍ତା ଭରିଯାଉଥିବାରୁ ଲୋକେ ନାହିଁ ନଥିବା ହଇରାଣ ହେଉଛନ୍ତି। ଆମ୍ବୁଲାନ୍ସ, ସ୍କୁଲ ବସ୍ ଓ ଅନ୍ୟାନ୍ୟ ଯାନବାହନ ଚଳାଚଳ ମଧ୍ୟ ବାଧାପ୍ରାପ୍ତ ହେଉଛି।ଦୀର୍ଘ ବର୍ଷ ଧରି ସ୍ଥାନୀୟବାସୀ ପଞ୍ଚାୟତ, ବ୍ଲକ ପ୍ରଶାସନ ଓ ଜନପ୍ରତିନିଧିଙ୍କ ନିକଟରେ ରାସ୍ତା ନିର୍ମାଣ ପାଇଁ ଦାବି ଜଣାଇ ଆସୁଥିଲେ ମଧ୍ୟ କୌଣସି ସ୍ଥାୟୀ ସମାଧାନ ହୋଇପାରିନାହିଁ। ଫଳରେ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଚାଲିଛି।ସ୍ଥାନୀୟ ବାସିନ୍ଦା ରମେଶ ଚନ୍ଦ୍ର ସାହୁ କହିଛନ୍ତି, “ପଞ୍ଚାୟତରୁ ବ୍ଲକ ଓ ବିଧାୟକଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଜଣାଇଲୁ। କେବଳ ପ୍ରତିଶ୍ରୁତି ମିଳୁଛି, କାମ ହେଉନାହିଁ। ବର୍ଷା ଦିନେ ପିଲାମାନଙ୍କୁ ସ୍କୁଲ ପଠାଇବା କଷ୍ଟକର ହୋଇପଡୁଛି। ଆମ୍ବୁଲାନ୍ସ ମଧ୍ୟ ଆସିପାରୁନାହିଁ। ବାଧ ହୋଇ ଆମେ ନିଜେ ରାସ୍ତାରେ ମାଟି ପକାଉଛୁ।”ଗୃହିଣୀ ସବିତା ମହାପାତ୍ରଙ୍କ କହିବା ଅନୁସାରେ, “ସାମାନ୍ୟ ବର୍ଷା ହେଲେ ଆଣ୍ଠୁଏ କାଦୁଅ ହୋଇଯାଏ। ଛୋଟ ପିଲା ଓ ବୃଦ୍ଧବୃଦ୍ଧା ଖସିପଡୁଛନ୍ତି। ବଜାରକୁ ଯିବା ପାଇଁ ଦୁଇ କିଲୋମିଟର ବୁଲି ଯିବାକୁ ପଡୁଛି। ନେତାମାନେ କେବଳ



ଭୋଟ ବେଳେ ଆସନ୍ତି, ପରେ ଆଉ ଦେଖା ମିଳେନି।”

ଅଟୋ ଚାଳକ ଅଶୋକ ବେହେରା କହିଛନ୍ତି, “ଏହି ରାସ୍ତାରେ ଅଟୋ ଚଳାଇଲେ ମାସକୁ ଥରେ ଗ୍ୟାରେଜ ଯିବାକୁ ପଡୁଛି। ଗାଡ଼ି ଖରାପ ହେଉଛି, ଯାତ୍ରୀମାନେ ମଧ୍ୟ ଯିବାକୁ ମନା କରୁଛନ୍ତି। ଆମ ରୋଜଗାର ପ୍ରଭାବିତ ହେଉଛି।”ବରିଷ୍ଠ ନାଗରିକ ସୁନୀତା ଜେନା କହିଛନ୍ତି, “ବୟସ ହୋଇଗଲାଣି। ହସ୍ପିଟାଲ ଯିବାକୁ ହେଲେ ଘର ପର୍ଯ୍ୟନ୍ତ ଗାଡ଼ି ଆସିପାରୁନାହିଁ। ରୋଗୀଙ୍କୁ ଷ୍ଟ୍ରେଚରରେ ବୋହି ନେବାକୁ ପଡୁଛି।”ପ୍ରଶାସନର ନିଷ୍କ୍ରିୟତା ଯୋଗୁଁ ଶେଷରେ ସ୍ଥାନୀୟ ଲୋକେ ନିଜେ ରାସ୍ତା ମରାମତି କାମ ଆରମ୍ଭ କରିଛନ୍ତି। ଯୁବକରୁ ବୟସ୍କ ପର୍ଯ୍ୟନ୍ତ ସମସ୍ତେ ମିଶି ଗାତ ଭର୍ତ୍ତି କରିବା ସହ ମାଟି ପକାଇ ରାସ୍ତାକୁ ଚଳାଚଳ ଉପଯୋଗୀ କରିବାରେ ଲାଗିପଡ଼ିଛନ୍ତି। ଅନ୍ୟପକ୍ଷରେ, ଫକୀରମୋହନ ନଗରରୁ ସତ୍ୟନଗର ପର୍ଯ୍ୟନ୍ତ ଏକ ଓସାରିଆ ରାସ୍ତା ପ୍ରକଳ୍ପର ଶିଳାନ୍ୟାସ ଗତ ଫେବୃଆରୀ ମାସରେ ହୋଇଥିଲେ ମଧ ଏପର୍ଯ୍ୟନ୍ତ କାମ ଆରମ୍ଭ ହୋଇନାହିଁ। ସେହିପରି କରଞ୍ଜିଆ ପଞ୍ଚାୟତ ପାଇଁ ପ୍ରସ୍ତାବିତ ୧୨ କିଲୋମିଟର ରାସ୍ତା ନିର୍ମାଣ ପ୍ରକଳ୍ପ ଦୀର୍ଘ ଦିନ ଧରି ଟେଣ୍ଡର ପ୍ରକ୍ରିୟାରେ ଅଟକି ରହିଥିବା ଅଭିଯୋଗ ହେଉଛି।ଅଞ୍ଚଳବାସୀଙ୍କ ଦାବି, ତୁରନ୍ତ ଫକୀରମୋହନ ନଗରରେ ପକ୍କା ରାସ୍ତା ଓ ଡ୍ରେନ୍ ନିର୍ମାଣ କରାଯାଇ ଦୀର୍ଘଦିନର ସମସ୍ୟାର ସ୍ଥାୟୀ ସମାଧାନ କରାଯାଉ।

# ଅବହେଳିତ ଅବସ୍ଥାରେ ମଛାକୋଟ ଡ୍ୟାମର ଦୁଇଟି ନାଳ

## ବର୍ଷ ବର୍ଷ ଧରି ହୋଇନି ପୁନରୁଦ୍ଧାର

**ଶେରଗଡ,୧୦।୬:** ଶେରଗଡ ସହର ଦେଇ ପ୍ରବାହିତ ହେଉଥିବା ନନ୍ଦିନୀ ନଦୀର ଉପରି ଭାଗରେ ତଥା ଧରାକୋଟ ବ୍ଲକ ମଛାକୋଟ ଠାରେ ନନ୍ଦିନୀ ନଦୀ ଉପରେ ଏକ ଆନିକଟ ନିର୍ମାଣ କରାଯାଇଛି। ଏହି ଆନିକଟ ର ଉତ୍ତର ଓ ଦକ୍ଷିଣ ପାର୍ଶ୍ୱରେ ଦୁଇଟି ନାଳ ୨୦୧୨ ମସିହା ରେ ଗଢି ଉଠିଥିଲା। ଏହାର ମୂଳ ଲକ୍ଷ୍ୟ ହେଲେ ଜମିରେ ଜଳସେଚନ ହେବ ଏବଂ ଚାଷୀ ଏହାର ଲାଭ ନେଇ ପାରିବ। ବର୍ତ୍ତମାନ ଏହି ନାଳ ଅବହେଳିତ ଅବସ୍ଥାରେ ପଡିରହିଛି। ବର୍ଷ ବର୍ଷ ଧରି ପୁନରୁଦ୍ଧାର ହୋଇନାହିଁ,ପୋତି ହୋଇ ଗଲାଣି ଏହି ଦୁଇଟି ନାଳ। ନାଳ ପୋତି ହୋଇଯିବା ଫଳରେ ଚାଷ କାର୍ଯ୍ୟ ସମୟରେ ପାଣି ଜମିରେ ପ୍ରବେଶ କରିବାରେ ପ୍ରତିବନ୍ଧକ ସୃଷ୍ଟି ହୋଇଥାଏ। ଯାହା ଫଳରେ ପ୍ରତିବର୍ଷ ଚାଷୀ ହଇରାଣ ହରକତ ହୋଇ ନିଜେ ଚାଷୀ ନାଳକୁ ସଫା କରି ଜମିକୁ ପାଣି ନେଉଥିବା ନଜିର ମଧ ରହିଛି।



ଏଭଳି ଅବସ୍ଥା ଜିଲ୍ଲା ଠାରୁ ଆରମ୍ଭ ସ୍ଥାନୀୟ ପ୍ରଶାସନ ଦୀର୍ଘ ବର୍ଷ ହେବ ଦେଖୁଥିବା ବେଳେ ଏହି ନାଳ ର ପୁନରୁଦ୍ଧାର ଏବଂ ଚାଷୀଙ୍କ ପ୍ରତି କାହାରି ଦରଦ ନଥିବା ଭଳି ମନେ ହେଉଛି। ଦୀର୍ଘ ବର୍ଷ ଧରି ଏହି ସମସ୍ୟା ଲାଗି ରହିଛି। ହେଲେ ଏହି ଅଞ୍ଚଳର ଚାଷୀଙ୍କ ମୁଖ୍ୟ ସମସ୍ୟା ହୋଇଥିବା ବେଳେ ନାଳ ଦୁଇଟି ଜଙ୍ଗଲରେ ପୋତି ହୋଇଯିବାକୁ ବସିଲାଣି। ସ୍ଥାନୀୟ ଅଞ୍ଚଳର ଚାଷୀଙ୍କ ବାରମ୍ବାର ଦାବି ସତ୍ତ୍ୱେ ବର୍ଷ ବର୍ଷ ଧରି ପୁନରୁଦ୍ଧାର ହୋଇ ପାରୁନାହିଁ। ଅନ୍ୟ ପଟେ ଏ ଦୁଇଟି ନାଳ ରୁ ଗୋଟିଏ ନାଳ ରାଜ୍ୟ ରାଜପଥ ଦେଇ ଯାଇଥିବା ସକାଶେ ଲୋକେ ଏହି ବାଟ ଦେଇ ଯିବା ଆସିବା କରିବାରୁ ନାଳ ପୋତି ହୋଇ ଯାଇଥିବାରୁ ବର୍ଷା ଦିନେ ଚାଷ ଜମିକୁ ପାଣି ପହଞ୍ଚି ପାରୁନଥିବାରୁ ଅସୁବିଧା ର ସମ୍ମୁଖୀନ ହେଉଛନ୍ତି ଚାଷୀ। ଫଳରେ ଅବହେଳା ର ଶିକାର ହେଉଥିବା ଚାଷୀଙ୍କ ସମସ୍ୟା ବଢ଼ିବାରେ ଲାଗିଛି। ତେବେ ପୁନରୁଦ୍ଧାର ଲାଗି ନାଳ ପ୍ରବାହିତ ହୋଇ ଯାଇଥିବା ଚାଷୀ ସ୍ଥାନୀୟ ପ୍ରଶାସନ ସହ ଜିଲ୍ଲା ପ୍ରଶାସନ କୁ ଅବଗତ କରାଇଛନ୍ତି। ଆଗାମୀ ଚାଷ କାର୍ଯ୍ୟ ପୂର୍ବରୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଛନ୍ତି ଚାଷୀ କୂଳ।

# ମଦର ଇଣ୍ଡିଆ ଫାଉଣ୍ଡେସନ ତରଫରୁ ୧୮ ୟୁନିଟ୍ ରକ୍ତ ସଂଗ୍ରହ

**ବ୍ରହ୍ମପୁର,୧୦।୬:** ମଦର ଇଣ୍ଡିଆ ଫାଉଣ୍ଡେସନ ତରଫରୁ ଗୋଇଲୁଣ୍ଡୀ ଠାରେ ଥିବା ହରିଶ ଡ଼ାଇଗ୍ନୋଷ୍ଟିକ୍ ପରିସରରେ ରକ୍ତ ଦାନ ଶିବିର ଆୟୋଜିତ ହୋଇଯାଇଛି । ଖରା ଦିନରେ ରକ୍ତର ଅଭାବ କୁ ଦୃଷ୍ଟିରେ ରଖି ଏପରି ରକ୍ତ ଦାନ ଶିବିର ଆୟୋଜନ କରାଯାଇ ୧୮ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ମୁଖ୍ୟ ପରିଚାଳକ ହରି କୃଷ୍ଣ ସାହୁ , ଫାଉଣ୍ଡେସନ ର ନିର୍ଦ୍ଦେଶିକା ସଂଯୁକ୍ତା ସାହୁ ଏହି ଅବସରର ଉପସ୍ଥିତ ରହି ରକ୍ତ ଦାତା ମାନଙ୍କୁ ଉତ୍ସାହିତ କରିଥିଲେ । ସମ୍ବାଦ ଆମ ଓଡିଶା ର ସଂଯୋଜକ ବସନ୍ତ କୁମାର୍ ପଣ୍ଡା ରକ୍ତ ଦାତା ମାନଙ୍କୁ ମାନପତ୍ର ପ୍ରଦାନ କରିଥିଲେ । ଫାଉଣ୍ଡେସନ ର ବହୁ କର୍ମକର୍ତ୍ତା ଏଥିରେ ସହଯୋଗ କରିଥିଲେ ।



# ରାଜ୍ୟସ୍ତରୀୟ ସି.ଏମ୍ କପ୍ ୨୦୨୬ କବାଡି ଚାମ୍ପିୟନସିପ୍ ଉଦ୍ଯାପନୀ ଉତ୍ସବ

**ବ୍ରହ୍ମପୁର,୧୦।୬:** ବ୍ରହ୍ମପୁର ସ୍ଥିତ ମହାତ୍ମାଗାନ୍ଧୀ ଷ୍ଟାଡିଅମ୍ ଇଣ୍ଡୋର ହଲ ମଧ୍ୟରେ ସି. ଏମ୍ କପ କବାଡି ଚାମ୍ପିୟନସିପ ର ଫାଇନାଲ ଅନୁଷ୍ଠିତ ହୋଇଥିଲା। ଏହି ଫାଇନାଲ ମ୍ୟାଚ ରେ ବାଳକ ବର୍ଗ ରେ ବାଲେଶ୍ୱର ଦଳ ୪୯-୪୫ ପୋଇଣ୍ଟ ବିଜୟ ହୋଇଥିଲେ ଓ ସୁନ୍ଦରଗଡ଼ ଉପ - ବିଜେତା ହୋଇଥିଲେ ଏବଂ ସେହିପରି ବାଳିକା ବର୍ଗ ରେ ପୁରୀ ଦଳ ୪୮-୪୪ ପୋଇଣ୍ଟ କରି ବିଜେତା ହୋଇଥିଲେ ଓ ଗଞ୍ଜାମ ଉପ - ବିଜେତା ହୋଇଥିଲେ। ଉଭୟ ବର୍ଗ ରେ ବିଜେତା ଦଳ ଙ୍କୁ ୧ଲକ୍ଷ୍ୟ ଟଙ୍କା ଅର୍ଥ ରାଶି ଓ ପୁରସ୍କାର ବିତରଣ କରାଯାଇଥିଲା ଏବଂ ଉପ-ବିଜେତା ଙ୍କୁ ପୁରସ୍କାର ସମେତ ୭୫ହଜାର ଟଙ୍କା ଅର୍ଥ ରାଶି ପ୍ରଦାନ କରାଯାଇଥିଲା। ଏହି ଉଦଯାପନୀ ଉତ୍ସବ ରେ ମୁଖ୍ୟ ଅତୀତ ଭାବେ ଯୋଗ ଦେଇଥିଲେ ବ୍ରହ୍ମପୁର ସାଂସଦ ଡଃ. ପ୍ରଦୀପ କୁମାର ପାଣିଗ୍ରାହୀ, ସାନମାନିତ। ଅତିଥିଭାବେ ଭାବେ ଯୋଗଦେଇଥିଲେ ଶ୍ରୀ ଅଜୟ କୁମାର ବେହେରା ଓଡିଶା କବାଡି ସଙ୍ଘ ସମ୍ପାଦକ, ଶ୍ରୀମତୀ ଜୟଶ୍ରୀ ସ୍ୱାଇଁ ଆନ୍ତରରାଷ୍ଟ୍ରୀୟ ମହିଳା କବାଡି



ଖେଳାଳି, ଶ୍ରୀ ସୂର୍ଯ୍ୟକାନ୍ତ ମହାନ୍ତି ଓଡିଶା କବାଡି ସଙ୍ଘ ପର୍ଯ୍ୟବେକ୍ଷକ, ଶ୍ରୀ ପ୍ରଶାନ୍ତ କୁମାର ଜେନା ପର୍ଯ୍ୟବେକ୍ଷକ ଓ ଶ୍ରୀ ପୃଥ୍ୱୀ ରାଜ ପଟନାୟକ ମୁଖ୍ୟ ଟେକ୍ନିକାଲ ଅଫିସର ଏବଂ ଗଞ୍ଜାମ ଜିଲ୍ଲା କ୍ରୀଡା ସଙ୍ଘ ସମ୍ପାଦକ ଜେ. କାମେଶ୍ୱର ରାଓ, ଶ୍ରୀ କେଦାରନାଥ ଚୌଧୁରୀ, ତାରିଣୀ ସାମନ୍ତରାୟ, ସୀତାରାମ ଦ୍ୱିବେରତା, ଶ୍ରୀ ଭାଗିରଥି ସ୍ୱାଇଁ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ, ଡ଼ି. ବାବୁ ରାଓ, ଡ଼ି. ଆପ୍ପା ରାଓ, ଡ଼ି. ଡ଼ି ଗନ୍ତାୟତ, ବିଜୟ କୁମାର ପଟନାୟକ, ରାଜ ନାରାୟଣ ପାତ୍ର, ପ୍ରମୋଦ କୁମାର ମହାରଣା, ରାଜେନ୍ଦ୍ର ପ୍ରସାଦ ଗନ୍ତାୟତ, ଜି. ଏମ ବାବୁ, ଭିନସେଣ୍ଟ ଦାସ, ବିଶ୍ୱନାଥ ପାତ୍ର, କେ. ଭି. ଜି ରବି କୁମାର ଏବଂ ଜିଲ୍ଲା ର ବରିଷ୍ଠ ଖେଳାଳି, କ୍ରୀଡା ପ୍ରେମୀ ମଧ୍ୟରେ ଯୋଗ ଦେଇଥିଲେ ବୋଲି ଜେ. କାମେଶ୍ୱର ରାଓ ସୂଚନା ଗଞ୍ଜାମ ଜିଲ୍ଲା କ୍ରୀଡା ସଙ୍ଘ ସମ୍ପାଦକ ଦେଇଛନ୍ତି।

# ମୋଦୀଜୀଙ୍କ ଦ୍ୱାଦଶବର୍ଷ ପୂର୍ତ୍ତୀ ଅବସରରେ ଯଜ୍ଞ, ରୁଦ୍ରାଭିଷେକ, ହୋମ ଓ ଦୀପଦାନ କାର୍ଯ୍ୟକ୍ରମ



**ବ୍ରହ୍ମପୁର,୧୦।୬:** ସ୍ଥାନୀୟ ନୀଳକଣ୍ଠେଶ୍ୱର ମନ୍ଦିର ପୀଠରେ ଦେଶର ଜସ୍ୱଶୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ଦ୍ୱାଦଶବର୍ଷ ପୂର୍ତ୍ତୀ ଅବସରରେ ବିଧାୟକ ଶ୍ରୀ କେ ଅନିଲ କୁମାର ଙ୍କ ତତ୍ତ୍ୱାବଧାନରେ ଭବ୍ୟ ଯଜ୍ଞ, ରୁଦ୍ରାଭିଷେକ, ହୋମ ଓ ଦୀପଦାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଦେଶର ସୁଖ, ଶାନ୍ତି, ସମୃଦ୍ଧି ଏବଂ “ବିକଶିତ ଭାରତ” ଗଠନ ପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲା ସଭାପତି ସରୋଜ ସାବତ ବିଧାୟକ ପ୍ରତିନିଧି ପ୍ରଦୀପ ନାୟକ ,ଅଶୋକ ଶୁକ୍ଲ, ଶିବ ପ୍ରସାଦ ଦାଶ,ବଦ୍ରିନାରାୟଣ ନାୟକ,ମଣ୍ଡଳ ସଭାପତି ବର୍ଷା ବିଦୁସ୍ମିତା, ଜଗନ୍ନାଥ ଜେନା ରୀତା ସେଠୀ, ସି ଏଚ ବିକ୍ରମ ଦାସ, ପୂର୍ବତନ ଉପ ବାଚସ୍ପତି ରାମ ଚନ୍ଦ୍ର ପଣ୍ଡା, ପ୍ରବକ୍ତା ଟି ଗୋପି, ପୂର୍ବତନ ବିଡିଏ ଅଧ୍ୟକ୍ଷ ସରତ ପଟ୍ଟନାୟକ, ବିପିନ ବିହାରୀ ଦାଶ , ସବିତା ସୁଆର, ମନିତା ଦାଶ,ନିବେଦିତା ପାଢୀ,ପ୍ରଭାତ ଷଡଙ୍ଗୀ, ସୁନୀଲ କୁମାର ସାହୁ, ରତ୍ନଗର୍ଭା ସରସ୍ୱତୀ ଦେବୀ, ଶିବ ଯାଦବ, ସୁକାନ୍ତ ଦଳେଇ,କାହ୍ନା ପାତ୍ର, ଗୋପାଳ ରଥ, ଚିତ୍ତ ସାହୁ, ମଦନ ସାହୁ, ଉଦ୍ଧବ ବିଶୋୟୀ, ଅନଙ୍ଗ ପଣ୍ଡା,ଗାନା ସ୍ୱାମୀ, ଶଙ୍କର ରାଓ,ଭିକି ଆଚାରୀ, ଗୀତା ଦାସ, ବହୁ ସଂଖ୍ୟକ କାର୍ଯ୍ୟକର୍ତ୍ତା, ଜନପ୍ରତିନିଧି ଓ ଭକ୍ତମାନେ ଯୋଗଦେଇ ଦୀପ ପ୍ରଜ୍ୱଳନ କରି ପୂଜାକର୍ମରେ ସାମିଲ ହୋଇ ମୋଦୀ ସରକାରଙ୍କ ୧୨ ବର୍ଷର ଜନକଲ୍ୟାଣ, ବିକାଶ ଓ ସୁଶାସନର ଯାତ୍ରାକୁ ସ୍ମରଣ କରି ସମସ୍ତେ ଦେଶର ଉନ୍ନତି ପାଇଁ ସଂକଳ୍ପ ନେଇଥିଲେ। ଦେଶବ୍ୟାପୀ ଭାବେ ମୋଦୀ ସରକାରଙ୍କ ୧୨ ବର୍ଷ ପୂର୍ତ୍ତି ଉପଲକ୍ଷେ ବିଭିନ୍ନ ସେବା, ଜନସମ୍ପର୍କ ଓ ସଚେତନତା, ପୂଜାର୍ଚ୍ଚନା ଆଦି କାର୍ଯ୍ୟକ୍ରମ ପାଳନ କରାଯାଉଛି।

# ରଥଯାତ୍ରା ଲାଗି ପ୍ରସ୍ତୁତି ବୈଠକ

**ଶେରଗଡ,୧୦।୬:** ଶେରଗଡ ସଦର ରେ କେଉଁ ଆବାହମାନ କାଳରୁ ପୂଜା ପାଇ ଆସୁଥିବା ଜଗତର ନାତ ଜଗନ୍ନାଥ ଙ୍କ ର ଆଗାମୀ ଘୋଷଯାତ୍ରା ଲାଗି ଏକ ପ୍ରସ୍ତୁତି ବୈଠକ ରାଜ ନଅର ପରିସରରେ ରାଜା ସାହେବ ପୂର୍ଣ୍ଣ ଚନ୍ଦ୍ର ସିଂଦେଓଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆଉ ଦିନ କେଇଟା ପରେ ଅନୁଷ୍ଠିତ ହେବ ପବିତ୍ର ଘୋଷଯାତ୍ରା। ତିନି ଠାକୁର ଭକ୍ତଙ୍କ ଗହଣରେ ନବଦିନ ବ୍ୟାପୀ ଜନ୍ମ ବେଦୀ କୁ ଯିବେ। ଆସନ୍ତା ଜୁଲାଇ ୧୬ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଘୋଷଯାତ୍ରା କୁ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ସକାଶେ ଆଜିର ଏହି ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜା ସାହେବ ଙ୍କ ପରାମର୍ଶ କ୍ରମେ ଅନୁଷ୍ଠିତ ଏହି ବୈଠକରେ ରାଜା ଙ୍କ ଭାଇ ପ୍ରସନ୍ନ ସିଂଦେଓ,ସ୍ଥାନୀୟ ତହସିଲଦାର ତ୍ରିଦେବ ରଥ,ଥାନାଧିକାରୀ ବରେନ୍ଦ୍ର ସିଅଳ,ନରସିଂହ ପଣ୍ଡା ଓ ସୂର୍ଯ୍ୟ ନାରାୟଣ ପଣ୍ଡା, ବରିଷ୍ଠ ସମାଜସେବୀ ଦୁର୍ଗା ମାଧବ ବିଷୋୟୀ, ରଥଯାତ୍ରା କମିଟିର ସଦସ୍ୟ ବଳରାମ ପାଢୀ,ଯୁବ ସମାଜସେବୀ ବାସୁଦେବ ସ୍ୱାଇଁ,ସଦସ୍ୟ ଇ.ଚିନ୍ମୟ କୁମାର ପାତ୍ର, ରବୀନ୍ଦ୍ର ସ୍ୱାଇଁ, ହୃଷିକେଶ ପାଢୀ, ବରିଷ୍ଠ ସାମ୍ବାଦିକ ସୂର୍ଯ୍ୟ ନାରାୟଣ ଦାସ ପ୍ରମୁଖ ଯୋଗ ଦେଇ ଆଗାମୀ ୨୯ ତାରିଖରେ ହେବାକୁ ଥିବା ଦେବସ୍ନାନ ପୂର୍ଣ୍ଣିମା,ଜୁଲାଇ ୧୫ ତାରିଖରେ ହେବାକୁ ଥିବା ଠାକୁରଙ୍କ ନବଯୌବନ ଦର୍ଶନ,୧୬ ତାରିଖ ଦିନ ହେବାକୁ ଥିବା ଘୋଷଯାତ୍ରା ଦିନ ଶ୍ରୀ ଜୀଉ ଙ୍କ ପହଣ୍ଡି, ରଥଟଣା, ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ, ରଥଯାତ୍ରା ଦିନ ଶୃଙ୍ଖଳିତ ରଥଟଣା ଲାଗି ପଦକ୍ଷେପ, ଜଗନ୍ନାଥ ମନ୍ଦିରର ୧୨ ମାସରେ ୧୩ ପର୍ବ ବିଧିବିଧାନ ଅନୁଯାୟୀ ପାଳିତ ହେଉଥିବା ବେଳେ ଶ୍ରଦ୍ଧାଳୁ ଭକ୍ତଙ୍କ ଠାରୁ ଆର୍ଥିକ ଅନୁଦାନ ସଂଗ୍ରହ ସମେତ ବିଭିନ୍ନ ବିଷୟ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ତା ସାଙ୍ଗକୁ ରଥଯାତ୍ରା ସମୟରେ ଯେଭଳି କୌଣସି ଅସୁବିଧା ବା ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନହୁଏ, ସେଥିପାଇଁ ପଦକ୍ଷେପ ନେବାକୁ ଗୁରୁତ୍ୱ ଦିଆଯାଇଛି। ଶେରଗଡ ରେ ଅନୁଷ୍ଠିତ ହେବା କୁ ଥିବା ଆଗାମୀ ରଥଯାତ୍ରା ରେ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତ ସାମିଲ ହେବାକୁ ଥିବା ବେଳେ ଭକ୍ତଙ୍କ ସମାଗମ କୁ ଦୃଷ୍ଟିରେ ରଖି ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା କୁ ସୁବ୍ୟବସ୍ଥିତ କରିବା ସହ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ଉପରେ ଆଲୋଚନା କରାଯାଇଥିଲା। ଆଗାମୀ ୧୬ ତାରିଖ ମହାପ୍ରଭୁଙ୍କ ରଥଯାତ୍ରା ମନ୍ଦିର ନିକଟରୁ ବାହାରି ଆଡପ ମନ୍ଦିର ନିକଟରେ ପହଞ୍ଚିବା ପରେ ଦାରୁବ୍ରହ୍ମ ନବଦିନ ବ୍ୟାପୀ ଆଡପ ମଣ୍ଡପ ରେ ପୂଜା ପାଇବେ। ଚଳିତ ବର୍ଷ ରଥଯାତ୍ରା ଉତ୍ସବ କୁ ଆନନ୍ଦ ଓ ଉଲ୍ଲାସର ସହ ଶୃଙ୍ଖଳିତ ଭାବେ ସମାପନ କରିବା ଲାଗି ରାଜା ସାହେବ ସମସ୍ତ ଙ୍କ ସହଯୋଗ କାମନା କରିଥିଲେ।



# ଅଶୋକ ନଗର୍‌ରେ ରକ୍ତ ଦାନ ଶିବିର ଉଦ୍ଯାପିତ

## ରକ୍ତ ସଂଗ୍ରହରେ ବହୁ ଯୁବକ ସାମିଲ

**ବ୍ରହ୍ମପୁର,୧୦।୬:** ଅଶୋକ ନଗର ଷଷ୍ଠ ଗଳି ସ୍ଥିତ ପଡ଼ିଆ ଠାରେ ଅଶୋକ ନଗର ଯୁବକ ସଂଘ ପକ୍ଷରୁ ଆୟୋଜିତ ରକ୍ତଦାନ ଶିବିର ଉଦ୍ଯାପିତ ହୋଇଯାଇଛି । ଯୁବ ନେତା ଏ. ସନ୍ତୋଷ କୁମାର ପାତ୍ରଙ୍କ ନେତୃତ୍ୱରେ ଆୟୋଜିତ ଅଶୋକ ନଗର ଯୁବ ଗୋଷ୍ଠି ବା “ସନ୍ତୁ ଆନ୍ନା ସୋଶିଆଲ ୱାର୍କର୍ସ ଗ୍ରୁପ୍” ତରଫରୁ ଅଶୋକ ନଗରରେ ମୋବାଇଲ୍ ଭ୍ୟାନ୍ ଦ୍ୱାରା ପାଞ୍ଚ ଦିନ ବ୍ୟାପୀ



ଏପରି ରକ୍ତ ଦାନ ଶିବିର ଆୟୋଜିତ ହୋଇଥିଲା । ଅନ୍ୟ ମାନଙ୍କ ମଧ୍ୟରେ ଏହି ଶିବିରରେ ବିକ୍ରମ ଜେନା,ଶିବସଙ୍କର ପାଢ଼ୀ, ଅମୃତ ରାଜ୍, କିରଣ ସାହୁ, ପି ସତ୍ୟନା ବିକାଶ, ସ୍ୱାଧୀନ ରାଜ୍, ଆଦିତ୍ୟ ପଟ୍ଟନାୟକ, ସୁରଜ୍ ସୁଦର୍ଶନ ନାୟକ, ମଧୁସୂଦନ ଆଚାରୀ, ଶିବରାମ ପାଣିଗ୍ରାହୀ ପରିଚାଳନା କରିଥିବା ବେଳେ, ସେହିପରି ବ୍ଲଡ ବ୍ୟାଙ୍କ୍ ପକ୍ଷରୁ ଡ଼ା. ଅଭିନାସ ରଥ ଟିମ୍ ରେ ରାମହରି ପଣ୍ଡା, ପ୍ରଦତ ସୁବୁଦ୍ଧି, ସୁଶାନ୍ତ ପାଣିଗ୍ରାହୀ, ଅନୁରାଧା ଗୋପାଳ କୃଷ୍ଣ ପ୍ରମୁଖ ଉପସ୍ଥିତ ଥିଲେ।

# ‘ଛକିଶୂନ’ର ଗ୍ରାଣ୍ଡ ମ୍ୟୁଜିକ୍ ରିଲିଜ୍

## ପ୍ରମୋସନ୍‌ରେ ଯୋଗଦେଲେ ଅନୁଭବ ମହାନ୍ତି



**ବାଲେଶ୍ୱର,୧୦।୬:** ଆସନ୍ତା ରଜ ଅବସରରେ ମୁକ୍ତିଲାଭ କରିବାକୁ ଯାଉଥିବା ଓଡ଼ିଆ ଚଳଚ୍ଚିତ୍ର ‘ଛକି ଶୂନ’ ର ପ୍ରଚାର ପ୍ରସାର ଜୋରଦାର ହୋଇଥିବା ବେଳେ ପ୍ରଥମଥର ପାଇଁ ବାଲେଶ୍ୱରରେ ଏହାର ଗ୍ରାଣ୍ଡ ମ୍ୟୁଜିକ୍ ରିଲିଜ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି ଅବସରରେ ଓଲିଉଡ୍ ସୁପରଷ୍ଟାର ଅନୁଭବ ମହାନ୍ତି, ଚଳଚ୍ଚିତ୍ରର କଳାକାର, କଣ୍ଠଶିଳ୍ପୀ ଓ କ୍ରିୟୁ ସଦସ୍ୟମାନେ ଉପସ୍ଥିତ ରହି ଦର୍ଶକଙ୍କ ସହ ମିଶିଥିଲେ। ବର୍ଣ୍ଣାଢ୍ୟ ପରିବେଶରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ୱର୍ଗତ ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ୍ ମଜୁମଦାର ଓ କଣ୍ଠଶିଳ୍ପୀ ହ୍ୟୁମାନ୍ ସାଗରଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଯାଇଥିଲା। ଅଭିଜିତ୍ ମଜୁମଦାରଙ୍କ ପତ୍ନୀ ରଞ୍ଜିତା ମଜୁମଦାର ଓ ପୁଅ ଆୟୁଷ ମଜୁମଦାର ମଧ୍ୟ ଉପସ୍ଥିତ ଥିଲେ।କାର୍ଯ୍ୟକ୍ରମରେ ବିଳମ୍ବରେ ପହଞ୍ଚିଥିବାରୁ ଅନୁଭବ ମହାନ୍ତି ପ୍ରଶଂସକମାନଙ୍କ ନିକଟରେ କ୍ଷମା ପ୍ରାର୍ଥନା କରିଥିଲେ। ସେ ବାଲେଶ୍ୱରବାସୀଙ୍କ ଭଲପାଇବା ପ୍ରତି କୃତଜ୍ଞତା ଜଣାଇବା ସହ ଫିଲ୍ମର ସଫଳତା ପାଇଁ ଆଶୀର୍ବାଦ କାମନା କରିଥିଲେ।ଫିଲ୍ମ ମୁକ୍ତି ପୂର୍ବରୁ ଏହାର ଗୀତ ‘ଆମେ ବାଳୁଙ୍ଗା ଟୋକା’ ଓ ‘ତୁକି ସେଇ ସପନ ପରିଟେ’ ମୁକ୍ତିଲାଭ କରି ସୋସିଆଲ ମିଡିଆରେ ବେଶ ଚର୍ଚ୍ଚା ସୃଷ୍ଟି କରିଛି। ‘ଆମେ ବାଳୁଙ୍ଗା ଟୋକା’ ଗୀତରେ ଅନୁଭବ ମହାନ୍ତି ନିଜେ କଣ୍ଠଦାନ କରିଥିବା ବେଳେ ତାଙ୍କ ସହ ପପୁ ପମ୍ ପମ୍ ମଧ୍ୟ ସ୍ୱର ମିଳାଇଛନ୍ତି। ରଜ ଉତ୍ସବର ମାହୋଲକୁ ଆହୁରି ରଙ୍ଗିନ କରିବ ବୋଲି ଏହି ଗୀତକୁ ନେଇ ଦର୍ଶକଙ୍କ ମଧ୍ୟରେ ଉତ୍ସାହ ଦେଖାଯାଉଛି।‘ଛକିଶୂନ’ ଫିଲ୍ମଟି ୨୯ ଟୁ ନାଇନ୍ ଫିଲ୍ମସ୍, ଷ୍ଟୁଡିଓ ଓ ଏସଏମ୍ ଏଣ୍ଟରଟେନମେଣ୍ଟର ମିଳିତ ସହଯୋଗରେ ନିର୍ମିତ ହୋଇଥିବା ବେଳେ ଏହାର ନିର୍ଦ୍ଦେଶନା ଦେଇଛନ୍ତି ମାନସ ପଢ଼ିହାରୀ। କାହାଣୀ ମଧ ସେ ନିଜେ ରଚନା କରିଛନ୍ତି। ଜାଗୃତି, ଅନୁଭବ ମହାନ୍ତି, ଶୁଭମ୍ ମହାନ୍ତି ଓ ନବୀନ ଭଣ୍ଡାରୀ ପ୍ରଯୋଜନା ଦାୟିତ୍ୱ ନେଇଥିବା ବେଳେ ପ୍ରଣୟ ଜେଠୀ ପ୍ରଚାର ଓ କ୍ରିଏଟିଭ୍ ହେଡ୍ ଭାବେ କାର୍ଯ୍ୟ କରୁଛନ୍ତି।ଫିଲ୍ମରେ ଅନୁଭବ ମହାନ୍ତିଙ୍କ ସହ ସମ୍ଭାବନା ମହାନ୍ତି, ଅଭିଷେକ ପଣ୍ଡା, ଦିବ୍ୟା ମହାନ୍ତି, ଜୟପ୍ରକାଶ ଦାସ, ସୁକୁମାର ଟୁଡୁ, ସୁକାନ୍ତ ରଥ, ନିତୁ ସିଂ, ବିଜିନୀ ମିଶ୍ର, ଉଦିତ ଗୁରୁ, ତାପସ ସରଘରିଆ, ଜିତୁ ମଙ୍ଗରାଜ, ବିନ୍ଦୁ, ରାକା, ଦିପୁ ଓ ସୁଜିତ ପ୍ରମୁଖ ଅଭିନୟ କରିଛନ୍ତି। ଆସନ୍ତା ୧୨ ଜୁନ୍ ରଜ ଅବସରରେ ଫିଲ୍ମଟି ସାରା ଓଡ଼ିଶାରେ ମୁକ୍ତିଲାଭ କରିବ।

# ମନ୍ଦିର ପ୍ରତିଷ୍ଠା ପାଇଁ ଶୁଭଖୁଣ୍ଟି ସ୍ଥାପନ

**ବ୍ରହ୍ମପୁର,୧୦।୬:** ମହାନଗର ନିଗମର ୧୫ ନମ୍ବର ୱାର୍ଡ ସ୍ଥିତ ଶୁଭମ୍ ବିହାର ନିକଟ ରାମକୃଷ୍ଣ ନଗର ୫ ଲାଇନରେ ହେବାକୁ ଥିବା ଭଗବତୀ ମହାଲକ୍ଷ୍ମୀ, ଗଣେଶ ଓ ସରସ୍ୱତୀଙ୍କ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ପାଇଁ ଆଜି ଶୁଭଖୁଣ୍ଟି ସ୍ଥାପନ ହୋଇଛି। ବ୍ରହ୍ମପୁରର ଏହି ମନ୍ଦିର ହେବ ପ୍ରଥମ ଯେଉଁଠାରେ କି ଏକାଠି ରହିବେ ମହାଲକ୍ଷ୍ମୀ, ସରସ୍ୱତୀ ଓ ଗଣେଶ । ଶୁଭଖୁଣ୍ଟି ସ୍ଥାପନ ଅବସରରେ ଚିକିଟି ଲୋକନାଥପୁର ଶାସନର ବରିଷ୍ଠ ପୂଜକ ପଣ୍ଡିତ ଅଶୋକ କୁମାର ପାଢ଼ୀଙ୍କ ଦ୍ୱାରା ପୂଜା କାର୍ଯ୍ୟ ହୋଇଥିଲା । ମନ୍ଦିରର ପରିଚାଳନା କମିଟିର ସଭାପତି ଭାବେ ଆର.ମୁରଲୀ ମୋହନ ଓ ତାଙ୍କ ଧର୍ମପତ୍ନୀ ତଥା ସ୍ଥାନୀୟ କର୍ପୋରେଟର ଆର.ପାୱନି ପୂଜା କାର୍ଯ୍ୟରେ କର୍ତ୍ତା ଭାବେ ବସି ପୂଜାର୍ଚ୍ଚନା କରିଥିଲେ । ବିଭିନ୍ନ



ରୀତିନୀତିରେ ପୂଜାର୍ଚ୍ଚନା ହେବା ପରେ ଶୁଭଖୁଣ୍ଟି ସ୍ଥାପନ ହୋଇଥିଲ । ତେବେ ଆସନ୍ତା ୧୭ ତାରିଖରୁ ୨୧ ତାରିଖ ପର୍ଯ୍ୟନ୍ତ ମହାଲକ୍ଷ୍ମୀ, ସରସ୍ୱତୀ ଓ ଗଣେଶ ବିଗ୍ରହ ଓ ମନ୍ଦିରର ପ୍ରତିଷ୍ଠା ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହେବ । ୧୭ ତାରିଖରେ ଜଳଯାତ୍ରା, ମଣ୍ଡଳ, ନାମଯଜ୍ଞାଧିବାସ, ଦୀକ୍ଷାଗ୍ରହଣ ଓ ଅଙ୍କୁରାରୋପଣ,୧୮ ତାରିଖରେ ବନଯୋଗ, ରତ୍ନମୁଦ୍ରା ଓ ନାମଯଜ୍ଞାରମ୍ଭ,୧୯ ତାରିଖରେ ପ୍ରତିଷ୍ଠାରମ୍ଭ, ବ୍ରାହ୍ମଣବରଣ, ଶାଳା ସଂସ୍କାର, ମଣ୍ଡଳପୂଜା, ବେ?ଦିକାଗ୍ନି ସ୍ଥାପନ ଓ ଦେବତାଧିବାସ,୨୦ ତାରିଖରେ ମହାସ୍ନାନ, ଦେବତା ସ୍ୱସ୍ତିକ ମଣ୍ଡଳେ ଶୟନ, ମଣ୍ଡଳ ପୂଜା, ଘୃତଯଜ୍ଞ ଓ ଜୀବନ୍ୟାସ ଓ ଶେଷ ଦିନରେ ପାର୍ଶ୍ୱ ଦ୍ୱାର, ଚକ୍ର ଓ ଧ୍ୱଜ ସ୍ଥାପନ, ଦେବତା ପ୍ରବେଶ, ଯଜମାନ ପ୍ରତିଷ୍ଠା, ମହାଧ୍ୱଜ ଭ୍ରମଣ ଓ ପୂର୍ଣ୍ଣାହୁତି ହେବ । ପ୍ରତିଦିନ ଅନ୍ନଯଜ୍ଞର ଆୟୋଜନ କରାଯାଇଛି । ତେଣୁ ସହରର ବହୁ ଭକ୍ତ ମାନେ ଏଥିରେ ଯୋଗ ଦେଇ ମହାଲକ୍ଷ୍ମୀ, ସରସ୍ୱତୀ ଓ ଗଣେଶଙ୍କ କୃପାଲାଭ କରନ୍ତୁ ବୋଲି ମନ୍ଦିର ପରିଚାଳନା କମିଟି ପକ୍ଷରୁ ଅନୁରୋଧ କରାଯାଇଛି । ଆଜିର ଏହି କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଧାୟକ କେ.ଅନୀଲ କୁମାର,ପୂର୍ବତନ ବିଧାୟକ ଡ଼ା.ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ମେୟର ସଂଘମିତ୍ରା ଦଳେଇଙ୍କ ସହ କର୍ପୋରେଟର ଡି କରୁଣ କର,ପ୍ରଦୀପ ଶତପଥୀ,ଟି ତିରୁପତି ପାତ୍ର,ନୀଳକଣ୍ଠ ସାହୁ,ସବିତା ସାହୁ,ସୁନୀତା ପଟ୍ଟନାୟକ,ବହୁ କର୍ପୋରେଟର ଯୋଗ ଦେବା ସହ ସ୍ଥାନୀୟ ଅଞ୍ଚଳବାସୀ ମଧ୍ୟ ଉପସ୍ଥିତ ଥିଲେ। ଆର୍ ମୁରଲୀ ମୋହନଙ୍କ ମା ଆର୍ ସାବିତ୍ରୀଙ୍କ ସହ ପରିବାରର ସଦସ୍ୟ ଗଣ ପୂଜାର୍ଚ୍ଚନା ରେ ଉପସ୍ଥିତ ଥିଲେ। ପାଞ୍ଚ ଦିନ ଧରି ଏହି ଭବ୍ୟ କାର୍ଯ୍ୟକ୍ରମରେ ୱାର୍ଡର ସମସ୍ତ ମାନ୍ୟଗଣ୍ୟ ବ୍ୟକ୍ତିଗଣ ମାନଙ୍କୁ ଯୋଗ ଦେବା ପାଇଁ ସଭାପତି ଅନୁରୋଧ କରିଛନ୍ତି ।

# ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଭାବେ ଡା. ଦିଲୀପ କୁମାର ଜେନାଙ୍କ ଦାୟିତ୍ୱ ଗ୍ରହଣ

**ବାଲେଶ୍ୱର,୧୦।୬:** ବାଲେଶ୍ୱର ଜିଲ୍ଲାର ନୂତନ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ (ସିଡିଏମ୍ ଆଣ୍ଡ ପିଏଚଓ) ଭାବେ ଡା. ଦିଲୀପ କୁମାର ଜେନା ଦାୟିତ୍ୱ ଗ୍ରହଣ କରିଛନ୍ତି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ତାଙ୍କୁ ଏହି ଦାୟିତ୍ୱ ପ୍ରଦାନ କରାଯାଇଛି। ପୂର୍ବରୁ କଟକ ଲେପ୍ରୋସି ହୋମ୍ ଓ ହସ୍ପିଟାଲର ଅଧୀକ୍ଷକ ଭାବେ କାର୍ଯ୍ୟରତ ଥିବା ଡା. ଜେନାଙ୍କୁ ପଦୋନ୍ନତି ଦେଇ ବାଲେଶ୍ୱର ସିଡିଏମ୍ ଆଣ୍ଡ ପିଏଚଓ ଭାବେ ନିଯୁକ୍ତ କରାଯାଇଛି। ସେ ସୋମବାରଠାରୁ ନିଜର ନୂତନ ଦାୟିତ୍ୱରେ ଯୋଗ ଦେଇଛନ୍ତି।ଡା. ଜେନାଙ୍କ ନିଯୁକ୍ତି ପରେ ବାଲେଶ୍ୱର ଜିଲ୍ଲାର ସ୍ୱାସ୍ଥ୍ୟସେବା ଏବଂ ପ୍ରଶାସନିକ ବ୍ୟବସ୍ଥା ଆହୁରି ସୁଦୃଢ଼ ହେବ ବୋଲି ଆଶା ପ୍ରକାଶ ପାଉଛି। ସ୍ୱାସ୍ଥ୍ୟ କ୍ଷେତ୍ରରେ ତାଙ୍କର ଦୀର୍ଘଦିନର ଅଭିଜ୍ଞତା ଓ ପ୍ରଶାସନିକ ଦକ୍ଷତା ଜିଲ୍ଲାର ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ନୂଆ ଦିଗ ପ୍ରଦାନ କରିବ ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଇଛି।

### ୭୨ତମ ଓଡ଼ିଶା ସିନିୟର ଆଥଲେଟିକ୍ସ ମିଟ୍‌ରେ ଚମତ୍କାର ପ୍ରଦର୍ଶନ

# ପଦକ ଜିତି ଜିଲ୍ଲାର ଗୌରବ ବଢ଼ାଇଲେ ଖେଳାଳି

**ବାଲେଶ୍ୱର,୧୦।୬:** ୭୨ତମ ଓଡ଼ିଶା ସିନିୟର ଆଥଲେଟିକ୍ସ ମିଟ୍‌ରେ ବାଲେଶ୍ୱର



ଜିଲ୍ଲାର ଖେଳାଳିମାନେ ଉଲ୍ଲେଖନୀୟ ସଫଳତା ହାସଲ କରି ଜିଲ୍ଲା ପାଇଁ ଗର୍ବର ମୁହୂର୍ତ୍ତ ସୃଷ୍ଟି କରିଛନ୍ତି। ଡିସ୍କସ୍ ଥ୍ରୋ ପ୍ରତିଯୋଗିତାରେ ଲକ୍ଷ୍ମୀନାରାୟଣ ଜେନା (ମୁନା) ରୌପ୍ୟ ପଦକ ଜିତିଥିବା ବେଳେ, ୧୧୦ ମିଟର ହର୍ଡଲ୍ସରେ ପୂର୍ଣ୍ଣିମା ସିଂହ ବ୍ରୋଞ୍ଜ ପଦକ ଅର୍ଜନ କରିଛନ୍ତି। ସେହିପରି କୁନା ମାରାଣ୍ଡି ୧୫୦୦ ମିଟର ଦୌଡ଼ରେ ସ୍ୱର୍ଣ୍ଣ ପଦକ ସହ ଅନ୍ୟ ଏକ ବିଭାଗରେ ରୌପ୍ୟ ପଦକ ହାସଲ କରି ବାଲେଶ୍ୱରର ନାମକୁ ଉଜ୍ଜ୍ୱଳ କରିଛନ୍ତି।ଏହି ସଫଳତାକୁ ନେଇ ବାଲେଶ୍ୱରର କ୍ରୀଡ଼ାପ୍ରେମୀ ଓ ସାଧାରଣ ଲୋକଙ୍କ ମଧ୍ୟରେ ଖୁସିର ଲହରୀ ଦେଖାଦେଇଛି। ଖେଳାଳିମାନଙ୍କ ଏହି କୃତିତ୍ୱ ପ୍ରମାଣ କରିଛି ଯେ, ଉପଯୁକ୍ତ ସୁଯୋଗ ଓ ପ୍ରଶିକ୍ଷଣ ମିଳିଲେ ବାଲେଶ୍ୱରରୁ ଅନେକ ପ୍ରତିଭାଶାଳୀ ଆଥଲେଟ୍ ରାଜ୍ୟ ଏବଂ ଜାତୀୟ ସ୍ତରରେ ସଫଳତା ହାସଲ କରିପାରିବେ।ତେବେ କ୍ରୀଡ଼ାବିଦ ଓ ଖେଳପ୍ରେମୀମାନେ ଆଥଲେଟିକ୍ସ ପାଇଁ ଉନ୍ନତ ଖେଳ ପଡ଼ିଆ, ଆଧୁନିକ ରନିଂ ଟ୍ରାକ୍ ଏବଂ ଆବଶ୍ୟକୀୟ ପ୍ରଶିକ୍ଷଣ ସୁବିଧା ଯୋଗାଇବାକୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସେମାନଙ୍କ ମତରେ, ଉତ୍ତମ ଭିତ୍ତିଭୂମି ଓ ପ୍ରୋତ୍ସାହନ ମିଳିଲେ ଆଗାମୀ ଦିନରେ ବାଲେଶ୍ୱରର ଖେଳାଳିମାନେ ଅଧିକ ସଫଳତା ଆଣି ରାଜ୍ୟ ଓ ଦେଶର ଗୌରବ ବଢ଼ାଇବେ।

# ଡ୍ରେନ୍ ସଫା ପରେ ରାସ୍ତା କଡ଼ରେ ପଙ୍କ ଓ ଆବର୍ଜନା

## ଦୁର୍ଗନ୍ଧରେ ନାକେଦମ ପଥଚାରୀ ଜନସ୍ୱାସ୍ଥ୍ୟ ପ୍ରତି ବଢ଼ିଲା ଚିନ୍ତା



**ବାଲେଶ୍ୱର,୧୦।୬:** ସହରର ବିଭିନ୍ନ ସ୍ଥାନରେ ଡ୍ରେନ୍ ସଫା କାର୍ଯ୍ୟ ଚାଲିଥିବାବେଳେ ନାଳରୁ ବାହାର କରାଯାଇଥିବା ପଙ୍କ ଓ ଆବର୍ଜନା ରାସ୍ତା କଡ଼ରେ ଦୀର୍ଘ ସମୟ ଧରି ପଡ଼ି ରହିଥିବାରୁ ସାଧାରଣ ଲୋକ ଓ ପଥଚାରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ମଠସାହିଠାରୁ ସେଣ୍ଟ୍ରାଲ ସ୍କୁଲ ଛକ ପର୍ଯ୍ୟନ୍ତ ଡ୍ରେନ୍ ସଫା କାମ ପରେ ରାସ୍ତା ପାର୍ଶ୍ୱରେ ଗଦା ଗଦା ପଙ୍କ ଜମା ହୋଇ ରହିଥିବା ଦେଖାଯାଇଛି।ସୂଚନା ଅନୁସାରେ, ଗତ କିଛି ଦିନ ଧରି ଏହି ଅଞ୍ଚଳରେ ଡ୍ରେନ୍ ସଫେଇ କାର୍ଯ୍ୟ ଚାଲିଛି। ନାଳରୁ ବାହାର କରାଯାଇଥିବା କଳା ପଙ୍କ ଓ ଆବର୍ଜନା ଫୁଟପାଥ ଏବଂ କେତେକ ସ୍ଥାନରେ ରାସ୍ତା ଉପରେ ମଧ୍ୟ ପଡ଼ି ରହିଛି। ଏଥିରୁ ପ୍ରବଳ ଦୁର୍ଗନ୍ଧ ସୃଷ୍ଟି ହେଉଥିବାରୁ ନିକଟସ୍ଥ ଦୋକାନୀ ଓ ଯାତାୟାତକାରୀମାନେ ନାକେଦମ ହେଉଛନ୍ତି। ସେଥିସହ ରାସ୍ତା ସଂକୁଚିତ ହୋଇଯାଇଥିବାରୁ ଯାନବାହନ ଚଳାଚଳରେ ମଧ୍ୟ ସମସ୍ୟା ଦେଖାଦେଇଛି।ସ୍ଥାନୀୟ ବାସିନ୍ଦାମାନଙ୍କ କହିବା ଅନୁଯାୟୀ, ଡ୍ରେନ୍ ସଫା କରିବା ଏକ ଭଲ ପଦକ୍ଷେପ ହେଲେ ମଧ୍ୟ ସଫା ପରେ ମଇଳାକୁ ତୁରନ୍ତ ଉଠାଯାଉ ନାହିଁ। ଫଳରେ ଦୁର୍ଗନ୍ଧ ବଢ଼ିବା ସହ ମଶା ଓ ମାଛିଙ୍କ ଉତ୍ପାତ ବୃଦ୍ଧି ପାଉଛି। ବର୍ଷା ହେଲେ ଏହି ପଙ୍କ ପୁଣି ଡ୍ରେନ୍ ?ରେ ପଶିଯିବାର ସମ୍ଭାବନା ଥିବାରୁ ସଫେଇ କାର୍ଯ୍ୟର ଉଦ୍ଦେଶ୍ୟ ବିଫଳ ହେବ ବୋଲି ସେମାନେ ମତ ପ୍ରକାଶ କରିଛନ୍ତି।ଅନ୍ୟପଟେ ସ୍ଥାନୀୟ ଦୋକାନୀମାନେ ଅଭିଯୋଗ କରିଛନ୍ତି ଯେ, ତିନି ଦିନରୁ ଅଧିକ ସମୟ ଧରି ପଙ୍କ ଓ ଆବର୍ଜନା ରାସ୍ତା କଡ଼ରେ ପଡ଼ି ରହିଥିଲେ ମଧ୍ୟ ଏହାକୁ ଉଠାଇବା ପାଇଁ ନଗରପାଳିକା କିମ୍ବା ସଂପୃକ୍ତ ଠିକାଦାର ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଦୁର୍ଗନ୍ଧ ଯୋଗୁଁ ଗ୍ରାହକମାନେ ଦୋକାନକୁ ଆସିବାକୁ ମଧ୍ୟ ଅନିଚ୍ଛା ପ୍ରକାଶ କରୁଛନ୍ତି।ଜନସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ ମତରେ, ଖୋଲାରେ ପଡ଼ିଥିବା ନାଳ ପଙ୍କରୁ ଡାଇରିଆ, ଜଣ୍ଡିସ, ମ୍ୟାଲେରିଆ ଭଳି ରୋଗ ବ୍ୟାପିବାର ଆଶଙ୍କା ରହିଛି। ବିଶେଷକରି ଶିଶୁ ଓ ବୟସ୍କ ଲୋକଙ୍କ ପାଇଁ ଏହା ବିପଦଜନକ ହୋଇପାରେ। ତେଣୁ ତୁରନ୍ତ ପଙ୍କ ଓ ଆବର୍ଜନା ଉଠାଇବା ସହ ଡ୍ରେନ୍ ସଫା ପରେ ୨୪ ଘଣ୍ଟା ମଧ୍ୟରେ ସମସ୍ତ ମଇଳା ଅପସାରଣ କରିବାକୁ କଡ଼ା ନିୟମ ପ୍ରଣୟନ କରିବା ପାଇଁ ସଚେତନ ନାଗରିକମାନେ ଦାବି କରିଛନ୍ତି।

### ପ୍ରଧାନମନ୍ତ୍ରୀ ମୋଦିଙ୍କ ଐତିହାସିକ ରେକର୍ଡ ପାଳନ

# ଝାଡେଶ୍ୱର ମନ୍ଦିରରେ ପୂଜାର୍ଚ୍ଚନା

**ବାଲେଶ୍ୱର,୧୦।୬:** ଭାରତର ପ୍ରଧାନମନ୍ତ୍ରୀ ଭାବେ ସର୍ବାଧିକ ସମୟ ଧରି ନିର୍ବାଚିତ ହୋଇ ଦେଶସେବା କରିବାର ଐତିହାସିକ ରେକର୍ଡ ସ୍ଥାପନ କରିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୀର୍ଘ ଓ ନିରାମୟ ଜୀବନ କାମନା କରି ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀର ଭାରତୀୟ ଜନତା ପାର୍ଟି ପକ୍ଷରୁ ସ୍ଥାନୀୟ ଝାଡେଶ୍ୱର ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ପ୍ରାର୍ଥନା କରାଯାଇଛି।୨୦୧୪ ମସିହା ମେ ୨୬ ତାରିଖରେ ପ୍ରଥମ ଥର ପାଇଁ ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିବା ନରେନ୍ଦ୍ର ମୋଦି ନିରନ୍ତର ଭାବେ ୪୩୧୯ ଦିନ ଧରି ଦେଶର ସେବା କରି ଏକ ବିରଳ ରେକର୍ଡ ସ୍ଥାପନ କରିଛନ୍ତି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ୍ତ ଯୋଗଦେଇ ପ୍ରଧାନମନ୍ତ୍ରୀଙ୍କ ସୁସ୍ୱାସ୍ଥ୍ୟ, ଦୀର୍ଘାୟୁ ଓ ଦେଶସେବାର ଅବ୍ୟାହତ ସଫଳତା ପାଇଁ ପ୍ରାର୍ଥନା କରିଥିଲେ।ଏହି ଅବସରରେ ଶ୍ରୀ ଦତ୍ତ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ଭାରତ ବିକାଶର ନୂତନ ଶିଖର ସ୍ପର୍ଶ କରିଛି ଏବଂ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନର ଲକ୍ଷ୍ୟ ନିଶ୍ଚିତ ଭାବେ ସାକାର ହେବ। ଭବିଷ୍ୟତରେ ମଧ୍ୟ ସେ ରାଷ୍ଟ୍ରସେବାରେ ସମର୍ପିତ ରହି



ଦେଶବାସୀଙ୍କ କଲ୍ୟାଣ ନିମନ୍ତେ କାର୍ଯ୍ୟ କରନ୍ତୁ ବୋଲି ସେ କାମନା କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ନେତା ରବିନାରାୟଣ ମହାପାତ୍ର, ଗୌରାଙ୍ଗ ଦାସ, ଗଙ୍ଗାଧର ରାଉତ, ସୁଷମା ବିଶ୍ୱାଳ, ମମତା ମହାପାତ୍ର, ରାଜେନ୍ଦ୍ର ଚାଟାର୍ଜୀ, ଚିତ୍ତରଞ୍ଜନ ପଣ୍ଡା, ନିତ୍ୟଗୋପାଳ ସିଂ, ରାଧାକାନ୍ତ ଦାସ, ସୀତାକାନ୍ତ ସ୍ୱାଇଁ, ଧୀରଜ ମହାନ୍ତି, ସୁଧାଂଶୁ ପଣ୍ଡା, ଯୋଗେନ ରଣା, ସୁସ୍ମିତା ପଣ୍ଡା, ସସ୍ମିତା ଦାସ, ପବନ କମିଳା, ମନୋରଞ୍ଜନ ନନ୍ଦୀ, ପ୍ରତାପ ପ୍ରଧାନ, ଉମେଶ ବେହେରା, ସୌମ୍ୟ ଦାସ, ମନୋହର ପେରିୱାଲ ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତେ ମିଳି ମହାଦେବଙ୍କ ନିକଟରେ ପ୍ରଧାନମନ୍ତ୍ରୀଙ୍କ ମଙ୍ଗଳ କାମନା କରି ପୂଜାର୍ଚ୍ଚନା ଓ ପ୍ରାର୍ଥନା କରିଥିଲେ।

# ହକି ଖେଳାଳି ସ୍ୱିଟି କୁଜୁର ଓ ଅର୍ମାନ ଲାକ୍ରା ସମ୍ବର୍ଦ୍ଧିତ

**ବଣାଇଁ,୧୦।୬:** ସୁନ୍ଦରଗଡ଼ ଜିଲ୍ଲା ଏବଂ ଓଡ଼ିଶା କ୍ରୀଡ଼ା ଜଗତ ପାଇଁ ଏକ ଗର୍ବର ମୁହୂର୍ତ୍ତରେ ଆଜି ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ଏବଂ କ୍ରୀଡ଼ା ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ସୁଶ୍ରୀ ଦୀନା ଦସ୍ତଗୀର ଆଜି ନିକଟରେ ସମ୍ପନ୍ନ ହୋଇଥିବା ଅଣ୍ଡର-୧୮ ଏସିଆ କପ୍ ହକି ପ୍ରତିଯୋଗିତାରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଦୁଇଜଣ ଯୁବ ହକି ଖେଳାଳି ଅର୍ମାନ ଲାକ୍ରା (୧୬ ବର୍ଷ) ଏବଂ ସ୍ୱିଟି କୁଜୁର (୧୬ ବର୍ଷ)ଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଅର୍ମାନ ଲାକ୍ରା ଭାରତୀୟ ଅଣ୍ଡର-୧୮ ପୁରୁଷ ହକି ଦଳର ସଦସ୍ୟ ଭାବେ ଏସିଆ କପ୍ ?ରେ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ, ସ୍ୱିଟି କୁଜୁର ଭାରତୀୟ ଅଣ୍ଡର-୧୮ ମହିଳା ହକି ଦଳର ଅଧିନାୟିକା ଭାବେ ଦଳକୁ ନେତୃତ୍ୱ ପ୍ରଦାନ କରି ବ୍ରୋଞ୍ଜ ପଦକ ଜିତିବାରେ ସଫଳ ହୋଇଥିଲେ। ଅତିରିକ୍ତ ଜିଲ୍ଲାପାଳ ଉଭୟ ଖେଳାଳିଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରିବା ସହିତ ସେମାନଙ୍କର ଉଜ୍ଜ୍ୱଳ କ୍ରୀଡ଼ା ଜୀବନ ପାଇଁ ଶୁଭେଚ୍ଛା ଜଣାଇଥିଲେ । ଉଭୟ ଖେଳାଳି ରାଉରକେଲାସ୍ଥିତ ପାନପୋଷ କ୍ରୀଡ଼ା



ଛାତ୍ରାବାସର ଅନ୍ତେବାସୀ ହୋଇଥିବାରୁ ସେମାନଙ୍କର ଏହି ସଫଳତା ରାଜ୍ୟର କ୍ରୀଡ଼ା ପ୍ରଶିକ୍ଷଣ ବ୍ୟବସ୍ଥା ଓ ଖେଳାଳି ବିକାଶ କାର୍ଯ୍ୟକ୍ରମର ଏକ ଉଜ୍ଜ୍ୱଳ ଉଦାହରଣ ଭାବେ ପରିଗଣିତ ହୋଇଛି। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ଉଭୟ ଖେଳାଳିଙ୍କୁ ସେମାନଙ୍କର କଠିନ ପରିଶ୍ରମ, ଶୃଙ୍ଖଳାବଦ୍ଧତା ଓ ଉତ୍ସର୍ଗୀକୃତ ମନୋଭାବ ପାଇଁ ପ୍ରଶଂସା କରିଥିଲେ ଏବଂ ଭବିଷ୍ୟତରେ ଦେଶ ଓ ରାଜ୍ୟ ପାଇଁ ଆହୁରି ସଫଳତା ଆଣିବାକୁ ଶୁଭେଚ୍ଛା ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଉପ ନିର୍ଦ୍ଦେଶକ କ୍ରୀଡ଼ା, ରାଉରକେଲା ସୁଦୀପ୍ତ କୁମାର ନାୟକ ଏବଂ ଡେପୁଟି କଲେକ୍ଟର ପ୍ରାରବ୍ଧା ବଡ଼ପଣ୍ଡା ମଧ୍ୟ ଉପସ୍ଥିତ ରହି ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏହି ଅବସରରେ ଖେଳାଳିମାନଙ୍କ ସଫଳତା ପଛରେ ଥିବା ପ୍ରଶିକ୍ଷକ, ସହାୟକ କର୍ମଚାରୀ, ଅଭିଭାବକ ଏବଂ କ୍ରୀଡ଼ା ସଂସ୍ଥାଗୁଡ଼ିକର ଅବଦାନକୁ ମଧ୍ୟ ସ୍ମରଣ କରାଯାଇଥିଲା ।

# ବିଶ୍ୱ ପରିବେଶ ଦିବସ ପାଳନ

**ବାଲେଶ୍ୱର,୧୦।୬:** ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ " ସନ୍ଦେଶ'" ଆନୁକୂଲ୍ୟରେ ସଦର ବ୍ଲକ ଅନ୍ତର୍ଗତ ପରିଖି ସ୍ଥିତ ପନ୍ତାଗ୍ରାମରେ ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଅଛି । ଉକ୍ତ ଦିବସରେ "ସନ୍ଦେଶ" ର ସଭାପତି ଆୟୁବ୍ ଅଲ୍ଲି ଖାଁ ପୌରହିତ୍ୱ କରିବା ସହିତ ଦିବସ ପାଳନର ଆଭିମୁଖ୍ୟ ଓ ପରିବେଶ ସୁରକ୍ଷା ସଂପର୍କରେ ଆଲୋକପାତ କରିବା ସହ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଜୀଙ୍କ "ଏକ ପେଡ଼୍ ମା କେ ନାମ'" ଆହ୍ୱାନକୁ ଉପସ୍ଥାପନ କରିଥିଲେ । କାର୍ଯ୍ୟକ୍ରମରେ ପରିଖି ଗ୍ରାମ ପଞ୍ଚାୟତର ସମିତି ସଭ୍ୟ ଜୟନ୍ତ ସିଂ, ପୂର୍ବତନ ସରପଞ୍ଚ ସୁନିଲ କୁମାର ସେଠୀ, ସମାଜ ସେବୀ ଶ୍ରୀ ରଣଜିତ ସ୍ୱାଇଁ ପ୍ରମୁଖ ଯୋଗ ଦେଇ ବିଶ୍ୱ ପରିବେଶ ଦିବସର ଯଥାର୍ଥତା ସଂପର୍କରେ ବକ୍ତବ୍ୟ ରଖୁଥିଲେ । ପରିବେଶର ସନ୍ତୁଳନ ହିଁ ମାନବ ସମାଜର ଆଧାର କହିବା ସହ ସମସ୍ତେ ମିଶି ଅଧିକରୁ ଅଧିକ ଗଛ ଲଗେଇବା, ପ୍ରକୃତିର ସଂରକ୍ଷଣ କରିବା ଏବଂ ସ୍ୱଚ୍ଛ ଓ ସବୁଜ ସମାଜ ଗଠନ ଦିଗରେ ସକ୍ରିୟ ଯୋଗଦାନ କରିବା ପାଇଁ "ସନ୍ଦେଶ" ର ସଂପାଦକ ସୋହେଲ ଆବାସ ଖାଁ ଆହ୍ୱାନ ଦେଇଥିଲେ ଉକ୍ତ କାର୍ଯ୍ୟକ୍ରମରେ ୧୦୧ ଗୋଟି ବିଭିନ୍ନ ବୃକ୍ଷଚାରା ବଣ୍ଟନ କରାଯାଇଥିବା ବେଳେ ଶୋଏବ ଆଖତାର ଖାଁ, ସନ୍ଧ୍ୟାରାଣୀ ସେଠୀ, ଖାଲେଦା ବିବି, ଗୋପୀନାଥ ମଣ୍ଡଳ, ରମେଶ ସିଂ ଓ ଶାମୀ ଆଖତାର ଖାଁ ପ୍ରମୁଖ ସକ୍ରିୟ ଅଂଶ ଗ୍ରହଣ କରିଥିଲେ ।

# ନିଆରା ଢଙ୍ଗରେ ଜନ୍ମଦିନ ପାଳିଲେ ପ୍ରୀତି ସୁନ୍ଦର



**ବାଲେଶ୍ୱର,୧୦।୬:** ସାଧାରଣତଃ ଜନ୍ମଦିନ ଅବସରରେ ଯୁବପିଢ଼ି ଆନନ୍ଦ ଉଲ୍ଲାସ ଓ ଭୋଜିଭାତର ଆୟୋଜନ କରୁଥିବା ବେଳେ ନର୍ଥ ଓଡିଶା ମିଡ଼ିଆ କ୍ଲବର ସଦସ୍ୟ ପ୍ରୀତି ସୁନ୍ଦର ପରିଡା ନିଜ ଜନ୍ମଦିନକୁ ଏକ ନିଆରା ଓ ସେବାମୂଳକ ଢଙ୍ଗରେ ପାଳନ କରିଛନ୍ତି। ଜନ୍ମଦିନ ଅବସରରେ ସେ ନର୍ଥ ଓଡିଶା ମିଡ଼ିଆ କ୍ଲବର ସହଯୋଗରେ ବାଲେଶ୍ୱର ସହରର ଆଇଟିଆଇ ଛକ ନିକଟରେ ରାହାଗିରି ଓ ସାଧାରଣ ଲୋକଙ୍କ ମଧ୍ୟରେ ଦହି ସର୍ବତ ବଣ୍ଟନ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ପ୍ରବଳ ଖରା ଓ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଆୟୋଜିତ ଏହି ସେବା କାର୍ଯ୍ୟକ୍ରମକୁ ସ୍ଥାନୀୟ ଲୋକେ ପ୍ରଶଂସା କରିଥିଲେ। ଜନ୍ମଦିନକୁ ସମାଜସେବା ସହ ଯୋଡ଼ି ଏଭଳି ମହତ୍ ପଦକ୍ଷେପ ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟୀ ବୋଲି ଉପସ୍ଥିତ ବ୍ୟକ୍ତିମାନେ ମତ ପ୍ରକାଶ କରିଥିଲେ। ଏହି ଅବସରରେ ନର୍ଥ ଓଡିଶା ମିଡ଼ିଆ କ୍ଲବର ବହୁ ସଦସ୍ୟ ଉପସ୍ଥିତ ରହି ପ୍ରୀତି ସୁନ୍ଦର ପରିଡାଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇବା ସହିତ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଏଭଳି ସାମାଜିକ କାର୍ଯ୍ୟ ମାଧ୍ୟମରେ ଜନ୍ମଦିନ ପାଳନ କରି ସେ ସମାଜ ପ୍ରତି ନିଜର ଦାୟିତ୍ୱବୋଧର ପରିଚୟ ଦେଇଛନ୍ତି।

### ରୂପ୍ରାରୋଡ ସରପଞ୍ଚଙ୍କ ବଡ଼ ପଦକ୍ଷେପ

# ଦୀର୍ଘ ଦିନରୁ ବନ୍ଦ ଥିବା ଗଳି ରାସ୍ତା ଖୋଲିଲା

**ଭବାନୀପାଟଣା,୧୦।୬:** ନର୍ଲା ବ୍ଲକ ଅନ୍ତର୍ଗତ ରୁପ୍ରାରୋଡ ଗ୍ରାମପଞ୍ଚାୟତରେ ଦୀର୍ଘ ଦିନ ଧରି ବନ୍ଦ ପଡ଼ିଥିବା କିଛି ଗୁରୁତ୍ୱପୂର୍ଣ୍ଣ ଗଳି ରାସ୍ତାକୁ ଖୋଲିବାରେ ସଫଳ ହୋଇଛନ୍ତି ରୁପ୍ରା ରୋଡ ସରପଞ୍ଚ ହେମନ୍ତ କୁମାର ଭୋଇ । ଏହି ପଦକ୍ଷେପକୁ ସ୍ଥାନୀୟ ଅଞ୍ଚଳବାସୀ ସ୍ୱାଗତ କରିବା ସହ ସରପଞ୍ଚଙ୍କ କାର୍ଯ୍ୟକୁ ପ୍ରଶଂସା ମଧ୍ୟ କରିଛନ୍ତି। ସୂଚନା ଅନୁସାରେ, ଉକ୍ତ ଗଳି ରାସ୍ତା ଦୀର୍ଘ ସମୟ ଧରି ବନ୍ଦ ରହିଥିବାରୁ ଆଖପାଖ ଅଞ୍ଚଳର ଲୋକମାନେ ଦୈନନ୍ଦିନ ଯାତାୟାତରେ ନାନା ପ୍ରକାର ସମସ୍ୟାର ସମ୍ମୁଖୀନ ହେଉଥିଲେ। ବିଶେଷକରି ଚାରି ଚକିଆ ଯିବା ଆସିବା ପ୍ରଭାବିତ ହେବା ଏବଂ ଜରୁରୀକାଳୀନ ସେବା ମଧ୍ୟ ପ୍ରଭାବିତ ହେଉଥିଲା। ରାସ୍ତା ବନ୍ଦ ରହିବା ଫଳରେ ଲୋକମାନଙ୍କୁ ବିକଳ୍ପ ଓ ଦୀର୍ଘ ପଥ ବ୍ୟବହାର କରିବାକୁ ପଡୁଥିଲା। ସ୍ଥାନୀୟ ଲୋକଙ୍କ ଦାବି ଓ ସମସ୍ୟାକୁ ଗୁରୁତ୍ୱର ସହ ନେଇ ସରପଞ୍ଚ ତୁରନ୍ତ ହସ୍ତକ୍ଷେପ କରିଥିଲେ। ପ୍ରଶାସନ ଏବଂ ଗ୍ରାମବାସୀଙ୍କ ସହଯୋଗରେ ବନ୍ଦ ଥିବା ଗଳି ରାସ୍ତାକୁ ପୁନର୍ବାର ଖୋଲାଯାଇଥିବାରୁ ଲୋକମାନଙ୍କ ଚଲାପଥ ସୁଗମ ହେଇଛି। ଏହି ଅବସରରେ ସ୍ଥାନୀୟ ବାସିନ୍ଦାମାନେ କହିଛନ୍ତି ଯେ, ଜନସାଧାରଣଙ୍କ ସମସ୍ୟା ସମାଧାନ ଦିଗରେ ସରପଞ୍ଚଙ୍କ ଏହି ପଦକ୍ଷେପ ନିଶ୍ଚିତ ଭାବେ ପ୍ରଶଂସନୀୟ। ଏଭଳି ଜନହିତକର କାର୍ଯ୍ୟ ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ଅଞ୍ଚଳବାସୀ ଆଶା ପ୍ରକାଶ କରିଛନ୍ତି।



# ଶିକ୍ଷକ ମନୋଜ କୁମାର ସ୍ୱାଇଁ ପାଇଲେ ପ୍ରକୃତି ବନ୍ଧୁ ପୁରସ୍କାର



**ବେଗୁନିଆପଡା,୧୦।୬:** ରାଜ୍ୟ ସରକାରଙ୍କ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ତରଫରୁ ପରିବେଶ ସଂରକ୍ଷଣ ତଥା ପରିବେଶ ସମ୍ପର୍କରେ ଜନସଚେତନତା ସୃଷ୍ଟି କ୍ଷେତ୍ରରେ ଓଡ଼ିଶାର ୩୦ଜିଲ୍ଲା ମଧ୍ୟରୁ ଗଞ୍ଜାମ ଜିଲ୍ଲାରେ ୨୧ଟି ଅନୁଷ୍ଠାନକୁ ପ୍ରକୃତି ମିତ୍ର ପୁରସ୍କାର ଓ ୨୧ଜଣକୁ ପ୍ରକୃତି ବନ୍ଧୁ ପୁରସ୍କାର ପାଇଁ ମନୋନୀତ ହୋଇଥିଲେ। ସେଥିମଧ୍ୟରୁ ବେଗୁନିଆପଡା ବ୍ଲକରୁ ଜଣେ ପ୍ରକୃତି ବନ୍ଧୁ ଭାବେ ପୁରସ୍କାର ପାଇ ବ୍ଲକ ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି ଶିକ୍ଷକ ମନୋଜ କୁମାର ସ୍ୱାଇଁ।ଯିଏ ବର୍ତ୍ତମାନ ଖଲ୍ଲିକୋଟ ବ୍ଲକର ଜୁନିୟର ରେଡ଼କ୍ରସ୍ ସଂଯୋଜକ,ସମାଜସେବୀ ଓ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, କଞ୍ଚଣା ରେ ଶିକ୍ଷକ ଭାବରେ କାର୍ଯ୍ୟରତ। ଜିଲ୍ଲା ସ୍ତରୀୟ ପରିବେଶ ଉତ୍ସବ ଆଞ୍ଚଳିକ ମୁଖ୍ୟବନ ସଂରକ୍ଷକଙ୍କ କାର୍ଯ୍ୟାଳୟ ବ୍ରହ୍ମପୁର ଠାରେ ଆୟୋଜିତ ହୋଇଥିଲା।ଉକ୍ତ ଉତ୍ସବରେ ବ୍ରହ୍ମପୁର ଡିଏଫଓ ଶନି ଖୋକର, ଉତ୍ତର ଘୁମୁସର ଡିଏଫଓ ହିମାଂଶୁ ଶେଖର ମହାନ୍ତି, ବିଜେପି ଗଞ୍ଜାମ ଜିଲ୍ଲା ସଭାପତି ସରୋଜ ସାବତ, ଅଷ୍ଟମ ବାଟାଲିଆନ କମାଣ୍ଡିଂ ଅଫିସର ସାରଦା ପ୍ରସାଦ ଦାସ ପ୍ରମୁଖ ଅତିଥିମାନଙ୍କ ଉପସ୍ଥିତିରେ ଶିକ୍ଷକ ମନୋଜ କୁମାର ସ୍ୱାଇଁଙ୍କୁ ମାନପତ୍ର ସହ ୧୦ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ଶ୍ରୀଯୁକ୍ତ ସ୍ୱାଇଁ ଆଗକୁ ପରିବେଶ ସୁରକ୍ଷା ଲାଗି ବ୍ୟାପକ ଭାବରେ ବୃକ୍ଷ ରୋପଣ କରିବା ସହ ଜନସଚେତନତା ସୃଷ୍ଟି କରିବା ଭଳି କାର୍ଯ୍ୟ କରିବା ପାଇଁ ମତବ୍ୟକ୍ତ କରିଛନ୍ତି।

### ବିଜେପିର ମହା ମିଶ୍ରଣ ପର୍ବ

# ବିଜେଡି ଓ କଂଗ୍ରେସର ଶତାଧିକ ନେତା-କର୍ମୀଙ୍କ ବିଜେପିରେ ଯୋଗଦାନ



**ବାଲେଶ୍ୱର,୧୦।୬:** ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଛାନୁଆ ପଞ୍ଚାୟତରେ ବୁଧବାର ଭାରତୀୟ ଜନତା ପାର୍ଟି (ବିଜେପି) ପକ୍ଷରୁ ଏକ ବିଶାଳ ମହା ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବିଜୁ ଜନତା ଦଳ (ବିଜେଡି) ଓ କଂଗ୍ରେସର ଶତାଧିକ ନେତା ଓ କର୍ମୀ ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗଦାନ କରିଥିଲେ। ବିଶ୍ୱର ଅନ୍ୟତମ ଲୋକପ୍ରିୟ ଜନନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିର୍ବାଚିତ ପ୍ରଧାନମନ୍ତ୍ରୀ ଭାବେ ସର୍ବାଧିକ ସମୟ ଦେଶସେବା କରିବାର ରେକର୍ଡ ହାସଲ କରିଥିବା ପରିପ୍ରେକ୍ଷୀରେ ଏହି ଦିବସକୁ ସ୍ମରଣୀୟ କରିବା ଉଦ୍ଦେଶ୍ୟରେ ଏହି ମିଶ୍ରଣ ପର୍ବ ଆୟୋଜିତ ହୋଇଥିଲା।କାର୍ଯ୍ୟକ୍ରମରେ ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନବାଗତ ସଦସ୍ୟମାନଙ୍କୁ ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଇ ସ୍ୱାଗତ କରିଥିଲେ। ସେ କହିଥିଲେ ଯେ, ଗତ ୧୨ ବର୍ଷ ଧରି ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ଦେଶ ବିକାଶର ନୂଆ ଶିଖରକୁ ସ୍ପର୍ଶ କରିଛି ଏବଂ କେନ୍ଦ୍ର ସରକାରଙ୍କ ବିଭିନ୍ନ ଲୋକକଲ୍ୟାଣମୂଳକ ଯୋଜନା ଗ୍ରାମାଞ୍ଚଳର ଘରେ ଘରେ ପହଞ୍ଚିପାରିଛି।ବିଧାୟକ ଶ୍ରୀ ଦତ୍ତ ଆହୁରି କହିଥିଲେ ଯେ, ରାଜ୍ୟରେ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଗଠିତ ସରକାର ସ୍ୱଳ୍ପ ସମୟ ମଧ୍ୟରେ ଗ୍ରାମାଞ୍ଚଳର ବିକାଶକୁ ନୂଆ ଦିଗ ଦେଇଛି। ଏହି ବିକାଶଧାରାରେ ସାମିଲ ହେବା ପାଇଁ ବିଭିନ୍ନ ଦଳର ନେତା ଓ କର୍ମୀମାନେ ବିଜେପି ପ୍ରତି ଆକୃଷ୍ଟ ହୋଇ ଦଳରେ ଯୋଗଦେଉଛନ୍ତି। ଆସନ୍ତା ପଞ୍ଚାୟତ ନିର୍ବାଚନରେ ଏହାର ସକାରାତ୍ମକ ପ୍ରଭାବ ପଡ଼ିବ ଏବଂ ବିଜେପି ପଞ୍ଚାୟତ ସ୍ତରରେ ଆହୁରି ସୁଦୃଢ଼ ହେବ ବୋଲି ସେ ଆଶା ପ୍ରକାଶ କରିଥିଲେ।ଏହି ମିଶ୍ରଣ ପର୍ବରେ ଭଜକୃଷ୍ଣ ମାଝୀ, ରମେଶ ବେହେରା, ପ୍ରତାପ ବେହେରା, ଅଭୟ ବେହେରା, ଦୀନବନ୍ଧୁ ବେହେରା, ସନ୍ତୋଷ ନାୟକ, ପ୍ରସନ୍ନ ଦାସ, ସୁନୀଲ ମାଝୀ, ବାସୁଦେବ ମଲ୍ଲିକ, ଦୁଙ୍ଗା ମାଝୀ, ସମରୟ ମାଝୀ, ସୁଶୀଲ ମଣ୍ଡଳ, ଦେବୁ ଜେନା, ବିଶ୍ୱନାଥ ଦାରୁ ପ୍ରମୁଖଙ୍କ ସମେତ ଶତାଧିକ କର୍ମୀ ବିଜେପିରେ ଯୋଗଦାନ କରିଥିଲେ। ନବାଗତ ସଦସ୍ୟମାନେ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୀତି, ଆଦର୍ଶ ଓ ବିକାଶମୂଳକ ଚିନ୍ତାଧାରା ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟରେ ଚାଲିଥିବା ଜନମୁଖୀ କାର୍ଯ୍ୟକ୍ରମ ଦ୍ୱାରା ଅନୁପ୍ରାଣିତ ହୋଇ ସେମାନେ ବିଜେପିରେ ଯୋଗଦେଇଛନ୍ତି।କାର୍ଯ୍ୟକ୍ରମରେ ଲୋକନାଥ ଭୂୟାଁ, ଭାଗ୍ୟଧର ଦାସ, ବିଜୟ ନାୟକ, ବିଜୟ ଦାସ, ଆରତୀ ନାୟକ, ମିନତୀ ନାୟକ, ଲକ୍ଷ୍ମୀଧର ମନ୍ତ୍ରୀ, ସୁବାଷ ବେହେରା, ବିକାଶ ଦାସ, ବଂଶୀଧର ପାତ୍ର, ରତ୍ନାକର ବେହେରା, ସତ୍ୟ ପାତ୍ର ପ୍ରମୁଖଙ୍କ ସମେତ ଛାନୁଆ ପଞ୍ଚାୟତର ବହୁ ବିଜେପି କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

Printed, Published, edited and owned by Ipsita Pati, Published from Plot no.214/A, Sahid Nagar, Bhubaneswar, Pin - 751007, Odisha and Printed at Ray Publications, Plot No-17, Rajarani Lewis Road, Bhubaneswar, Pin - 751014, Khurda, Odisha
Mob : +91 9692701007, 9438119777 I Email : pratishabda7@gmail.com I Website : www.pratishabda.com

Editor : Ipsita Pati    Executive Editor : Satyajit Mohapatra    Managing Editor : Jitendra Ku. Pati